
ଗୁଜରାଟର ମୟୂର ନୃତ୍ୟ।


ମାଲକାନଗିରିର ପାଷ୍ଟୁ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ନୃତ୍ୟ।


ଜୟପୁରର ପ୍ରେରଣା ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମନ ମୋହିଲେ ଓଲିଉଡ କଳାକାର ରାକେଶ, ଦିବ୍ୟା

ମାଲକାନଗିରି,୯।୨ (ଡି.ଏନ.ଏ.)

ରବିବାର ଥିଲା ମାଲ୍ୟବନ୍ତ ମହୋତ୍ସବର ଶେଷ ଦିବସ। ଏହି ଅବସରରେ ପ୍ରବଳ ଜନ ସମାଗମ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡର ରାକେଶ ଓ ଦିବ୍ୟା ଦର୍ଶକଙ୍କ ମନ ମୋହିଥିଲେ। ଅତିଥି ରୂପେ ଅନୁସୂଚିତ ଜାତି ଜନଜାତି ସଂଖ୍ୟାଲଘୁ ପଛୁଆ ବର୍ଗର କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ କୁମାର ନାୟକ,ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, କାରୁକୋଣ୍ଡା ପାଚୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପଡିଆମି, କାଲିମେଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ମାଳା ମାଢି, ବାଲିମେଳା ପୌରାଧ୍ୟକ୍ଷା ଲକ୍ଷ୍ମୀ ପାଙ୍ଗି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ମାଲ୍ୟବନ୍ତ ମହୋତ୍ସବ ହେଉଛି ମାଲକାନଗିରି ଜିଲାର ଗଣପର୍ବ। ଏହା ଭାଇଚାରା ପ୍ରତିଷ୍ଠା କରିବା ସହ ଶାନ୍ତି ପ୍ରତିଷ୍ଠା କରିଥାଏ। ଏବେ ସମସ୍ତଙ୍କ ସହଯୋଗରେ ଜିଲାର ବିକାଶ ଆଗେଇ ଚାଲିଛି। ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ଅତିଥିମାନେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ଭୁବନେଶ୍ୱରର ଓଡିଶୀ ନୃତ୍ୟ, ଚିତ୍ରକୋଣ୍ଡାର ସାଇ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ, ହରିୟାନାର ଘୁମୁରୁ ନୃତ୍ୟ, ଗୁଜୁରାଟ୍‌ର ସିଦ୍ଧି ଧମାଲ, ଚାଲାଲାଣଗୁଡା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରୀଙ୍କ ଓଡିଶୀ ନୃତ୍ୟ, କୋଲକତାର ପୁରୁଲିଆ ଛଉ ନୃତ୍ୟ ପରିବେଷଣ କରାଯାଇଥିଲ । ଓଲିଉଡ୍ କଳାକାର ରାକେଶ ଓ ଦିବ୍ୟାଙ୍କ ଗ୍ରୁପ୍ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ଉଦ୍‌ଯାପନୀ ସନ୍ଧ୍ୟାର ଅତିଥିମାନେ।

## ଉଦ୍‌ଯାପନୀ ଦିବସରେ ପଥଉତ୍ସବ

**ମାଲକାନଗିରି, (ଡି.ଏନ.ଏ./ସ୍ୱ.ପ୍ର.):** ମାଲକାନଗିରି ଜିଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବର ରବିବାର ହେଉଛି ଉଦ୍‌ଯାପନୀ ଦିବସ। ଏହି ଅବସରରେ ଅନୁଷ୍ଠିତ ହୋଇଛି ପଥ ଉତ୍ସବ। ମୁଖ୍ୟ ରାସ୍ତା ବାଲିମେଳା ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ କଳାକାର ସେମାନଙ୍କ କଳା କୌଶଳ ପ୍ରଦର୍ଶନ କରିଥିଲେ। ଉପଜିଲାପାଳ ରାମେଶ୍ୱର ପ୍ରଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ, ଅତିରିକ୍ତ ପିଡି ମାନସ ମିଶ୍ରଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପୋଲିସ ବାହିନୀର ସୁର୍‌ଝଙ୍କାର ପକ୍ଷରୁ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରୀ, ବରିଷ୍ଠ ନାଗରିକଙ୍କ ପାଇଁ ଯୋଗଶିକ୍ଷା ପ୍ରଦର୍ଶିତ ହୋଇଥିଲା। ସେହିପରି ମାର୍ଶାଲ ଆର୍ଟସ ପକ୍ଷରୁ ଛାତ୍ରୀଛାତ୍ରମାନେ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଇଡି ଛାତ୍ରାବାସ ଛାତ୍ରୀଛାତ୍ରମାନେ ବର୍ଜ୍ୟବସ୍ତୁ ଜରିରେ କିପରି ବିଭିନ୍ନ ଘର ସୌନ୍ଦର୍ଯ୍ୟକରଣ ପଦାର୍ଥ ତିଆରି କରାଯାଏ ସେନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ରାଜପଥରେ ଝୋଟି ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଛାତ୍ରାବାସର ଛାତ୍ରମାନେ ତୀରନ୍ଦାଜ ପ୍ରଦର୍ଶନ କରିଥିଲେ। ଛୋଟ ପିଲାମାନେ ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେଇ ଦର୍ଶକଙ୍କ ମନ କିଣିଥିଲେ। ଗାଡିମୋଟର ଚଳାଚଳ ପାଇଁ ପୋଲିସ ତରଫରୁ ବ୍ୟବସ୍ଥା କରାଯାଇଥିଲା।


ପଥ ଉତ୍ସବରେ ଛାତ୍ରୀଛାତ୍ରମାନେ ଝୋଟି ଆଙ୍କୁଛନ୍ତି।


ତୀରନ୍ଦାଜୀ ପ୍ରତିଯୋଗିତାରେ ସାମିଲ ପ୍ରତିଯୋଗୀମାନେ।



ଛାତ୍ରମାନେ ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।



ପିଲାମାନେ ସ୍କେଟିଂର ମଜା ନେଉଛନ୍ତି।



ମୃତଦେହ ନେବାକୁ ଦମଦମ୍ ଏୟାରପୋର୍ଟରେ ପହଞ୍ଚିଥିବା ଆମ୍ବୁଲାନ୍ସ।

# ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ

## ଜାପାନରେ ୨ ଓଡ଼ିଆଙ୍କ ମୃତ୍ୟୁ ଘଟଣା

ଭୋଗରାଇ, ୯।୨(ଡି.ଏନ.ଏ.)

ଜାପାନର ରାଜଧାନୀ ଟୋକିଓ ନିକଟସ୍ଥ ଆଟକୁ ସହରରେ ଏକ ଘରୋଇ ହୋଟେଲରେ କାର୍ଯ୍ୟରତ ଦୁଇଓଡ଼ିଆ ଶ୍ରମିକଙ୍କ ମରଶରୀର ରବିବାର ଦିଲ୍ଲୀ ବିମାନବନ୍ଦରରୁ ଏୟାରଇଣ୍ଡିଆ ବିମାନ ଯୋଗେ ଆସି କଲକାତା ଦମଦମ୍ ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ଦୁଇ ଓଡ଼ିଆ ଶ୍ରମିକଙ୍କ ପରିବାର ଓ ଆତ୍ମୀୟ ସ୍ୱଜନମାନେ ଦୁଇଟି ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ନେଇ ଗାଁକୁ ଫେରିଥିଲେ। ସନ୍ଧ୍ୟାରେ ମରଶରୀର ଗାଁରେ ପହଞ୍ଚିଲା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ କସବା କମର୍ଦ୍ଦା ଗ୍ରାମର ସେକ୍ ମମତାଜ (୪୫) ଓ ଯାଜପୁର ଜିଲା ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅଧୀନ ପଠାନ୍‌ମେହେଲ ବସ୍ତିର ସେକ୍ ବାହାରୁଦ୍ଦିନ (୪୬) ଦୁଇ ଓଡ଼ିଆ ଶ୍ରମିକ ସେଠାରେ ଦୀର୍ଘବର୍ଷ ଏକ ଘରୋଇ ହୋଟେଲରେ ରୋଷେୟା ଭାବେ କାର୍ଯ୍ୟରତ ଥିଲେ। ଗତ ୨୯ତାରିଖ ରୋଷେଇ ଘରେ ସେମାନେ କବାଟ ବନ୍ଦ କରି ରୋଷେଇ କରୁଥିବା ବେଳେ କାର୍ବନ ମନୋକ୍ସାଇଡ଼ ବିଷାକ୍ତ ଗ୍ୟାସ ସଂସ୍ପର୍ଶରେ ଆସି ଅଣନିଃଶ୍ୱାସୀ ହୋଇପଡ଼ି ମୃତ୍ୟୁବରଣ କରିଥିବା ପରିବାର ପକ୍ଷରୁ କୁହାଯାଇଥିଲା। ମରଶରୀରକୁ ଜାପାନରୁ ଓଡ଼ିଶା ଆଣିବା ନିମନ୍ତେ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଥିଲା। ଏହି ଅର୍ଥ ଖର୍ଚ୍ଚ ପାଇଁ ପରିବାର ଅସମର୍ଥ ଥିବାରୁ ଆତ୍ମୀୟସ୍ୱଜନ ଓ ସାମାଜିକ କର୍ମୀମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଓ ବିଧାୟକଙ୍କୁ ଗୁହାରି କରିଥିଲେ। ଭୋଗରାଇ ବିଧାୟକ ଅନନ୍ତ ଦାସ ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଥିଲେ। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏହି ଘଟଣାକୁ ଗୁରୁତ୍ୱ ଦେଇ କେନ୍ଦ୍ରସରକାରଙ୍କଠାରେ ଆଲୋଚନା କରିବା ସହିତ ବୈଦେଶିକ ମନ୍ତ୍ରଣାଳୟ ଜାପାନ ସରକାରଙ୍କ ସହାୟତା ପାଇଁ ନିବେଦନ କରିବା ପରେ ସରକାରୀ ଅର୍ଥରେ ଦୁଇ ଓଡ଼ିଆ ଶ୍ରମିକଙ୍କ ମରଶରୀର ଆସିବା ସମ୍ଭବ ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ କଲିକତା ବିମାନ ବନ୍ଦରରେ ମରଶରୀର ନେବାକୁ ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଉପସ୍ଥିତ ଥିଲେ। ଭୋଗରାଇର ମୃତ ଓଡ଼ିଆ ଶ୍ରମିକ ସେକ ମମତାଜକୁ ତାଙ୍କ ପୈତୃକ ଘର ଆରୁହାବୃତ୍ତି ଗାଁକୁ ନିଆଯାଇ ସେଠାରେ କବର ଦିଆଯାଇଥିଲା। ସେଠାରେ ମୃତ ଯୁବକଙ୍କ ପରିବାର, ଆତ୍ମୀୟସ୍ୱଜନ, ବହୁ ସାମାଜିକକର୍ମୀ, ବିଭିନ୍ନ ଗଣସଂଗଠନର ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ମାରାଥନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ

## ମାଲକାନଗିରି ପୋଲିସକୁ ସଫଳତା

ମାଲକାନଗିରି,୯।୨ (ଡି.ଏନ.ଏ.)

ରାଜ୍ୟସ୍ତରୀୟ ମାରାଥନ ଦୌଡ ପ୍ରତିଯୋଗିତାରେ ମାଲକାନଗିରି ଜିଲାର ଜଣେ ଯବାନ ସ୍ୱର୍ଣ୍ଣ ପଦକ ହାସଲ କରି ପୋଲିସ ବିଭାଗ ପାଇଁ ଗୌରବ ଆଣିଛନ୍ତି। ଓଡିଶା ଆର୍ମ ପୋଲିସ ଫୋର୍ସର ଯବାନ ବୁଦୁରା ବିଶୋୟୀ ନାୟକ ୪୫ କିଲୋମିଟର ମାରାଥନ ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କଟକଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ସେ ରବିବାର ମାଲକାନଗିରରେ ପହଞ୍ଚିବା ପରେ ଜିଲା ପୋଲିସ ବାହିନୀ ପକ୍ଷରୁ ଆଇଆଇସି ରାମ ପ୍ରସାଦ ନାଗଙ୍କ ନେତୃତ୍ୱରେ ଶତାଧିକ ପୋଲିସ କର୍ମଚାରୀ ତାଙ୍କୁ ମାଲକାନଗିରି ବସ୍‌ଷ୍ଟାଣ୍ଡଠାରୁ ସ୍ୱାଗତ କରି ଏକ ଶୋଭାଯାତ୍ରାରେ ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ନେଇଥିଲେ।



ପୋଲିସ ପଦକ ଜିତିଥିବା ଯବାନଙ୍କୁ ଶୋଭାଯାତ୍ରାରେ ପାଛୋଟି ନିଆଯାଉଛି।

# ଜିଲାସ୍ତରୀୟ ଦ ଆର୍ଟ ଅଫ ଲିଭିଙ୍ଗ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୯।୨(ଡି.ଏନ.ଏ.)

ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ମାଲକାନଗିରି ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସ୍ଥାନୀୟ ଯୁକୋ ପାର୍କଠାରେ ତିନି ଦିନିଆ ଜିଲାସ୍ତରୀୟ ଦ ଆର୍ଟ ଅଫ ଲିଭିଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ତତ୍ତ୍ୱାଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଜୟ କୁମାର ବୋଇଠାରୁ,ସମ୍ମାନିତ ଅତିଥି ରୂପେ ଏଡିଏମଓ ଶଶୀଭୂଷଣ ମହାପାତ୍ର, ଜିଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ସୁଦିପ କେଶ ଓ ଜିଲା ଆରସିଏଚ ଅଧିକାରୀ ବନ ମିଶ୍ର ଯୋଗ ଦେଇଥିଲେ। ଡାକ୍ତର ଶୁଭନା ସେଠ ଓ ପ୍ରମିଳା ନାଥ ତାଲିମଦାତା ରୂପେ ଉପସ୍ଥିତ ଥିଲେ। ବିଭିନ୍ନ ଯୋଗ ପ୍ରାଣାମି ସହ ବିଭିନ୍ନ ଯୋଗପ୍ରଣାଳୀ ପ୍ରଦର୍ଶନ ହୋଇଥିଲା। ଶ୍ୱାସ କ୍ରିୟା ମାଧ୍ୟମରେ ଏକ ରିଦିମ ତିଆରି କରି ନିଜ ଶାରିରିକ ସୁସ୍ଥତାକୁ କିପରି ବଜାୟ ରଖିହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଚିକିତ୍ସାଳୟର ଆକାଉଣ୍ଟାଣ୍ଟ ରାଜେନ୍ଦ୍ର କୁମାର ଦାଶ ପରିଚାଳନା କରିଥିଲେ।



ଦି ଆର୍ଟ ଅଫ୍ ଲିଭିଂ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ମାଲକାନଗିରି,୯।୨ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ନାକ୍‌ଟିମା ମନ୍ଦିର ନିକଟସ୍ଥ ପଡିଆରେ ରବିବାର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଏବଂ ଜିଲା ବାହାରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ୧୯୭୬ରୁ ମାଲକାନଗିରି ବସ୍‌ଷ୍ଟାଣ୍ଡ ନିକଟରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ଏବଂ ସତ୍‌ସଙ୍ଗ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜନ ହୋଇଆସୁଛି। ମାଲ୍ୟବନ୍ତ ମହୋତ୍ସବ ପାଇଁ ସହର ମୁଖରିତ ଚଳଚଞ୍ଚଳ ଥିବା ବେଳେ ସତ୍‌ସଙ୍ଗ ସମ୍ମିଳନୀ ପାଇଁ ସହର ଲୋକାରଣ୍ୟ ହୋଇଉଠିଛି। ରିତିକି ଓ ଧର୍ମଗୁରୁଙ୍କ ବାଣୀ ନାମ ସଙ୍କୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥିବା ଦେଖିବାକୁ ମିଳିଛି । କାର୍ଯ୍ୟକ୍ରମରେ ଅଶୋକ କୁମାର ମଣ୍ଡଳ, ନାରାୟଣ ଦାସ, ଜୟପୁର ସତ୍‌ସଙ୍ଗ କମିଟିର ସଭାପତି ବିନୋଦ ମହାପାତ୍ର, ଅଶୋକ ଗିୱାନି, ଭୁବନେଶ୍ୱରର ଶେଷ ଧର ସାମନ୍ତରାୟ, କୋଲକତାର ପରେଶ ରାୟ, ଝାଡଖଣ୍ଡର ସୁନିଲ ଦେବ୍‌ନାଥ, ପ୍ରଫୁଲ୍ଲ ସରକାର, ଖଗିନ୍ଦ୍ର ସାହୁ, ବିକାଶ କୁମାର ପ୍ରଧାନ, କୈଳାସ ଚନ୍ଦ୍ର ସାମଲ, ସନ୍ତୋଷ କୁମାର ଦାସ, ମହୋନ ରାୟ, ବାବୁଲା ସାବତ୍, କମଳାକାନ୍ତ ଜେନାମଣି, ଜୟନ୍ତ କୁମାର ପଣ୍ଡା, ଜୟପୁରର ରମେଶ ଚନ୍ଦ୍ର ତ୍ରିପାଠୀ ପ୍ରବଚନ ଦେଇଥିଲେ । ମହିଳା ମାନେ ନାମ ସଂକୀର୍ତ୍ତନରେ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ଜିଲାର ୮ ହଜାର ମହିଳା ଓ ପୁରୁଷ ଋତ୍ୱିକ୍‌ଙ୍କ ଦ୍ୱାରା ଦୀକ୍ଷା ଗ୍ରହଣ କରିଥିବା ଜଣାପଡିଛି।


ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଗୁରୁଭାଇ ଓ ଭଉଣୀମାନେ।

# ଶୁଖୁଆ ଖାଇ ଅସୁସ୍ଥ ହେଉଛନ୍ତି ଲୋକେ

କାଲିମେଳା,୯।୨(ଡି.ଏନ.ଏ.)

ଶୁଖୁଆ,ମାଛ ଖାଇଲେ ହେଉଛି ଅଜଣା ରୋଗ। ଶୁଖୁଆ ଖାଇବାର କିଛି ସମୟ ପରେ ଦେହହାତ ଫୁଲିଯିବା ସହ ପ୍ରବଳ ଜ୍ୱର ହେଉଛି। ଏପରି ଦେଖିବାକୁ ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମୋଟୁ ଅଞ୍ଚଳରେ। ଖବରରୁ ଜଣାପଡିଛି ମୋଟୁ ଅଞ୍ଚଳର କେତେକ ଲୋକ ଆନ୍ଧ୍ରର ଚିନ୍ତୁର ବ୍ରିଜ୍ ନିକଟରେ ଥିବା ଏକ ଶୁଖୁଆ ଦୋକାନରୁ ଶୁଖୁଆ କିଣି ଏହାକୁ ରାନ୍ଧି ଖାଇଥିଲେ। ଶୁଖୁଆ ଖାଇବାର କିଛି ସମୟ ପରେ ଉପରୋକ୍ତ ଲକ୍ଷଣ ଦେଖା ଦେଇଥିଲା। ଲୋକେ ଅସୁସ୍ଥ ଅନୁଭବ କରିଥିଲେ। ଗ୍ରାମର ଏ.ନାଗମଣି ଏହି ଶୁଖୁଆ କିଣି ରାନ୍ଧି ଖାଇବା ପରେ ତାଙ୍କ ଦେହସାରା କୁଣ୍ଡାଇ ହୋଇଥିଲା। ମୁଣ୍ଡ ବୁଲାଇ ହୋଇ ବାନ୍ତି ହୋଇଥିଲା। ପରେ ଜ୍ୱର ହେବା ଲକ୍ଷଣ ଦେଖାଦେଇଥିଲା। ପରିବାର ଲୋକେ ତାଙ୍କୁ ମୋଟୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ସେ ସୁସ୍ଥ ହୋଇ ଫେରିଛନ୍ତି। ପୂର୍ବରୁ ଜୟ ମାଡି ନାମକ ଜଣେ ଯୁବକ ଏହି ଶୁଖୁଆ ଖାଇ ଅସୁସ୍ଥ ହୋଇଥିଲେ। ତେବେ ଏକ ନିର୍ଦ୍ଦିଷ୍ଟ ପ୍ରକାର ମାଛର ଶୁଖୁଆ ଖାଇଲେ ଏପରି ହେଉଥିବା ଜଣାପଡିଛି।

## ସଂକ୍ଷେପରେ

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



କାଶୀନଗର,୯।୨(ସ୍ୱ.ପ୍ର.): କାଶୀନଗର ନିକଟ ଇଦୁଡ଼ି ଗ୍ରାମସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ୨ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଶନିବାର କଳସ ଯାତ୍ରା, ଗଙ୍ଗା ମାତାଙ୍କୁ ପୂଜାର୍ଚ୍ଚନା ଏବଂ ସନ୍ଧ୍ୟାରେ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ମାଘ ପୂର୍ଣ୍ଣିମା ତିଥିରେ ପ୍ରାତଃ ସମୟରେ ଧ୍ୟାନ, ଯୋଗ ସହ ଦେବ ପୂଜନ କରାଯାଇଥିଲା। ମଧାହ୍ନରେ ଗାୟତ୍ରୀ ଘୃତଯଜ୍ଞ କରାଯାଇ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସତ୍ୟସାଇ ସଙ୍ଗଠନ ପକ୍ଷରୁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୁତି ସହ ବାଲ୍ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ଗାୟତ୍ରୀ ସଭ୍ୟା ସଭ୍ୟ ଏଥିରେ ଯୋଗ ଦେଇଥିଲେ। ସ୍ଥାନୀୟ ଗାୟତ୍ରୀ ସାଧକ ତଥା ମନ୍ଦିର ପ୍ରତିଷ୍ଠାତା ରଘୁନାଥ ପଟ୍ଟନାୟକ କାଯ୍ରକ୍ରମକୁ ପରିଚାଳନା କରିଥିଲେ।

### ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ



ଗୋଷାଣୀ,୯।୨(ଡି.ଏନ୍.ଏ.): ଗୋଷାଣୀ ବ୍ଲକ୍ ଅଧୀନ ଗୁରାଣ୍ଡି ଗ୍ରାମ ରାଧାକାନ୍ତ ମନ୍ଦିର ପରିସରରେ ସପ୍ତାହବ୍ୟାପୀ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ପାରାୟଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଅପରାହ୍ନ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବ୍ୟାସ ଗୋପାଳ କୃଷ୍ଣ ମିଶ୍ର(ଟିକେଲାଲ) ଏବଂ ତାଙ୍କର ସହଯୋଗୀ ହିମାଂଶୁ ମିଶ୍ର, ଶିବ ଦଣ୍ଡସେନା, ରେଙ୍ଗଟୁ ଦରୁଆନ, ତରଭା ବଲାଙ୍ଗୀରଙ୍କ ଦ୍ୱାରା ଭାଗବତ ପାରାୟଣ ପାଠ ଏବଂ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରାଣ୍ଡି ଏବଂ ନିକଟସ୍ଥ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପାରଳାଖେମୁଣ୍ଡି ବଡ଼ ରାଧାକାନ୍ତ ମଠର ମହନ୍ତ ମହାରାଜାଙ୍କ ତତ୍ତ୍ୱାବଧାନରେ ପାରାୟଣ ଅନୁଷ୍ଠିତ ହୋଇଥିଲା। ଶିବରାମ ସାମଲ, ତାଙ୍କ ଧର୍ମ ପତ୍ନୀ ଏବଂ ଶ୍ରଦ୍ଧାଳୁଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ଭଗବାନ ପ୍ରସାଦ ନାୟକ, ନିବେଦିତା ସାମଲ, ଛାୟାବତୀ ଜେନା, ଋକୁଣା ସାମଲ ଏଥିରେ ସହଯୋଗ କରିଥିଲେ।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମବାର୍ଷିକୀ ପାଳିତ



ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.) : ପାରଳାଖେମୁଣ୍ଡିସ୍ଥିତ ସତ୍‌ସଙ୍ଗ ବିହାରଠାରେ ଠାକୁର ଅନୁକୁଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଠାକୁରଙ୍କ ବାଣୀ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସତସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସ, ବଦ୍ରିନାଥରୁ ସନ୍ୟାସୀ ଗୁରୁ ଶ୍ରେଷ୍ଠନନ୍ଦଜୀ, ରତ୍ନାକର ସ୍ୱାଇଁ(ରିତ୍ୱିକ), ନୃସିଂହ ଶ୍ରୀଚନ୍ଦନ, ଅଧିକାରୀ ମୃତ୍ୟୁଞ୍ଜୟ ଦାସ, ବିଷ୍ଣୁଚରଣ ବୈତର ଯୋଗ ଦେଇଥଲେ। କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାସରଥି ଗମାଙ୍ଗ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡି ସତସଙ୍ଗ ବିହାରରୁ ରିତ୍ୱିକ ପ୍ରଶାନ୍ତ କୁମାର ପ୍ରଧାନ ଓ କାହ୍ନୁଚରଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗିରଶ୍ ରଥ ଓ ସୁରେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଞ୍ଜବିହାରୀ ବଡକୁମରଙ୍କ ଏହାର ପରିଚାଳନା କରିଥିଲେ।

■ ବର୍ଷା ହେଲେ ଘାରୁଛି ପାହାଡ଼ ଧସିବା ଭୟ

# ସୁରକ୍ଷା ଦାବି କଲେ ସାନରାଗିଡ଼ି ଗ୍ରାମବାସୀ

ପାରଳାଖେମୁଣ୍ଡି, ୯।୨(ସ୍ୱ.ପ୍ର.)



ଗ୍ରାମବାସୀ ପାହାଡ଼ ସମତୁଳ କରୁଛନ୍ତି ।

ବର୍ଷା ହେଲେ ଗଜପତି ଜିଲା ଗୁମ୍ମା ବ୍ଲକ୍ ଭୁବନୀ ପଞ୍ଚାୟତ ଅଧୀନ ପାହାଡ଼ ତଳି ସାନରାଗିଡ଼ି ଗ୍ରାମ ଟିଙ୍କୁଡୁଡା ସାହି ବାସିନ୍ଦାଙ୍କୁ ଘାରିଥାଏ ଭୟ। ଏଠାରେ ପାହାଡ଼ ଧସିବା ଆଶଙ୍କା ରହିଥିବାରୁ ସେମାନେ ଭୟରେ ଦିନ କାଟୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ପାଇଁ ସେମାନେ ନିବେଦନ କରିଛନ୍ତି।

ଗଜପତି ଜିଲା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାବେଳେ ୫ ବ୍ଲକ୍‌ରେ ଜନଜାତି ଶ୍ରେଣୀର ଲୋକେ ବାସ କରନ୍ତି । ତିତ୍‌ଲି ବାତ୍ୟା ପରେ ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନ ପକ୍ଷରୁ ପାହାଡ଼ ଧସିବା ଆଶଙ୍କା ରହିଥିବା ଅଞ୍ଚଳବାସୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଗତ ୨୦୧୯ ଅକ୍ଟୋବର ୨୪ରେ ଜିଲାରେ ହୋଇଥିବା ଲଗାଣ ବର୍ଷାରେ ପାହାଡ଼ ଧସି ଟିଙ୍କୁଡୁଡା ସାହିର ୮ ପରିବାର ଏବଂ ୪୦ରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ସାହିଟି ପାହାଡ଼ ପାଦଦେଶରେ ରହିଥିବାରୁ ଲଗାଣ ବର୍ଷା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏଠାରେ ବିପଦ ଆଶଙ୍କା ରହିଛି। ତିତ୍‌ଲି ପରେ ଅନେକ କ୍ଷତିଗ୍ରସ୍ତଙ୍କୁ ଆବାସ ଯୋଜନାରେ ଗୃହର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଅନେକ ଅଞ୍ଚଳର ଲୋକେ ଏବେ ବି ଏଥିରୁ ବଞ୍ଚିତ ରହିଥିବା ଜଣାପଡ଼ିଛି। ଅକ୍ଟୋବରରେ ପାହାଡ଼ ଧସିବା ଘଟଣା ପରେ କ୍ଷତିଗ୍ରସ୍ତ ଏହି ସାହି ବାସିନ୍ଦା ସୁରକ୍ଷା ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ତେଣୁ ଗ୍ରାମବାସୀ ନିଜେ ପାହାଡ଼ କାଟି ସମତଳ କରିବାରେ ଲାଗିପଡ଼ିଥିଲେ। ତେବେ ଏହା କଷ୍ଟସାଧ ହୋଇପଡ଼ିଛି। ତେଣୁ ସାହି ବାସିନ୍ଦାଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଧନୁ ଗମାଙ୍ଗ, ରିନୁ ଗମାଙ୍ଗ, ଜଖରିୟ ଗମାଙ୍ଗ, ରିମ୍ବାଙ୍ଗ ଗମାଙ୍ଗ, ବାସୀ ଗମାଙ୍ଗ, ଧାନିଏଲ୍ ଗମାଙ୍ଗ, ତୁରଡାଙ୍ଗ ଗମାଙ୍ଗ, ଗୁଡବାୟ ଗମାଙ୍ଗ, ଭବେନୀ ଗମାଙ୍ଗ, କୁସୁମାନୀ ଗମାଙ୍ଗ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଚନ ମଧୁର ତିଳକ ସରୁ
ଯାକୁ ଜାଣିଥିବ ଠକଙ୍କ ଗୁରୁ ।**

ଶଠ ପ୍ରକୃତିର ବ୍ୟକ୍ତି ମଧୁର କଥା କହି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ନିଷ୍କପଟ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ଠକାମିର ଶିକାର ହୋଇଯାଇଥାନ୍ତି। ଏପରି ଛଳ ପ୍ରକୃତିର ବ୍ୟକ୍ତି ଠକଙ୍କ ମଧ୍ୟରେ ଶ୍ରେଷ୍ଠ ଠକର ଆଖ୍ୟା ପାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବଳଦ ଗୋଡ଼ରେ ବାଗି
ଏ ଯୁବା ବୟସ ଯାଉଛି ଭାଙ୍ଗି
ଏକା ପାନଖିଆ ଲାଗି ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ନିଜର କରିବା ପାଇଁ ବା ଆପଣାର କରିବାକୁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ନିଜର ବୟସ ଗଡ଼େଇ ଗଡ଼େଇ ଆଶା ନିରାଶାରେ ପରିଣତ ହେଲେ ମନର ସବୁ ସରାଗ ମଉଳିଯାଏ। ମନରେ ଥିବା ସବୁ ଆଶା ପାଣି ଫୋଟକାରେ ମିଳେଇଯାଏ। ଏପରିସ୍ଥଳେ ସେ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଧାନମଣ୍ଡି ନେଇ ଭାଜପା ମିଥ୍ୟା ତଥ୍ୟ ଦେଉଛି: ବିଜେଡି




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲା ବିଜେଡି ସଭାପତି ଓ ଦଳୀୟ ନେତାମାନେ।

ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)

ଗଜପତି ଜିଲାରେ ଧାନମଣ୍ଡିକୁ ନେଇ ଭାଜପା ମିଥ୍ୟା ତଥ୍ୟ ପ୍ରଦାନ କରୁଛି ବୋଲି ଜିଲା ବିଜେଡି ଅଭିଯୋଗ କରିଛି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଜିଲାରୁ ୨୫ହଜାର ୫ଶହ ମେଟ୍ରିକ୍ ଟନ୍ ଚାଉଳ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଜାନୁୟାରୀ ୨୧ ସୁଦ୍ଧା ବିଭିନ୍ନ ମଣ୍ଡି ମାଧ୍ୟମରେ ୬ହଜାର ୬୨୬ ଚାଷୀଙ୍କଠାରୁ ଶତକଡ଼ା ୮୬.୯୮ ପ୍ରତିଶତ ଧାନ କ୍ରୟ କରାଯାଇଥିବା ବିଜେଡି ପକ୍ଷରୁ ତଥ୍ୟ ଉପସ୍ଥାପନ କରାଯାଇଛି। ସେହିପରି ଚାଷୀଙ୍କ ହିତ ଦୃଷ୍ଟିରୁ ଜିଲାରୁ ଅତିରିକ୍ତ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଧାନକ୍ରୟ କରାଯିବ ବୋଲି ଚିଠି ହୋଇଛି। ହେଲେ ଜିଲା ଭାଜପା ପକ୍ଷରୁ ଯେଉଁ ବିଭ୍ରାନ୍ତିକର ତଥ୍ୟ ଦିଆଯାଇ କୃଷକ ବିରୋଧି ବାର୍ତ୍ତା ପ୍ରଶାସନ ବିରୋଧରେ ପ୍ରଚାର କରାଯାଉଛି। ହେଲେ ସେଥିରେ କୌଣସି ସତ୍ୟତା ନାହିଁ। ଆବଶ୍ୟକ ହେଲେ ତୃତୀୟ ପର୍ଯ୍ୟାୟରେ ମଧ୍ୟ ଅତିରିକ୍ତ ଧାନ କ୍ରୟ ପାଇଁ ମଧ୍ୟ ଅନୁରୋଧ କରାଯିବ ବୋଲି ଦଳ ଦୃଢୋକ୍ତି ପ୍ରକାଶ କରିଛି। ଏ ନେଇ ରବିବାର ଜିଲା ବିଜେଡ଼ି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନ୍ତର୍ଯାମୀ ଗମାଙ୍ଗ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ନଗର ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ପୂର୍ବତନ ଜିଲା ସଭାପତି ବସନ୍ତ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଫିରିଙ୍ଗିଆ,୯।୨:

କନ୍ଧମାଳ ଜିଲା ଫିରିଙ୍ଗିଆ ମହାବିଦ୍ୟାଳୟ ନିକଟରେ ରବିବାର ରାତିରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ନୂଆପଡା ଗୋପିପଦର ଗାଁର ବାବିନ୍ଦ୍ର କହଁର (୨୮)।

ପ୍ରକାଶ ଯେ, ବାବିନ୍ଦ୍ର ଫିରିଙ୍ଗିଆରୁ କାମସାରି ରାତିରେ ସାଇକେଲରେ ଗାଁକୁ ଫେରୁଥିଲେ। ଫିରିଙ୍ଗିଆ ସାରଙ୍ଗଗଡ ରାସ୍ତାର ପଞ୍ଚାୟତ ଜୁନିୟର କଲେଜ ନିକଟରେ ସାରଙ୍ଗଗଡ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ବାବିନ୍ଦ୍ରଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଫିସର ବିଭୂତି ଭୂଷଣ ମୁଦୁଲି କହିଛନ୍ତି।

# ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ କୋଲ୍‌କାତା ଗଲେ ୭ ଶିଶୁ

ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)

ଜନ୍ମଗତ ହୃଦରୋଗରେ ଆକ୍ରାନ୍ତ ୭ ଶିଶୁଙ୍କୁ ଚିହ୍ନଟ କରାଯାଇ ଅସ୍ତ୍ରୋପଚାର ପାଇଁ କୋଲ୍‌କାତାସ୍ଥିତ ନାରାୟଣ ହୃଦୟାଳୟକୁ ପଠାଯାଇଛି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ମାଧ୍ୟମରେ ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମୋବାଇଲ୍ ହେଲ୍‌ଥ ଟିମ୍ ଦ୍ୱାରା ଶିଶୁମାନଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ କାର୍ଯ୍ୟକ୍ରମର ଜାତୀୟ ମିଶନ ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଗଜପତି ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ ଜିଲା ସ୍ୱାସ୍ଥ୍ୟ ପ୍ରକଳ୍ପ ପରିଚାଳିକା ସୌମ୍ୟାରାଣୀ ଗୌଡ଼, ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ପି. କେ. ପାତ୍ର, ଆର୍‌ବିଏସ୍‌କେର ମ୍ୟାନେଜର୍ ସାଇ ପ୍ରସାଦ ଦାସଙ୍କୁ ଧନ୍ୟବାଦ ଦିଆଯାଇଛି। ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଶିଶୁମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇ ପଠାଯିବ ବୋଲି ସୂଚନା ମିଳିଛି।




ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଶିଶୁମାନେ ଅସ୍ତ୍ରୋପ୍ରଚାର ପାଇଁ କୋଲକତା ବାହାରିଛନ୍ତି ।

# ପ୍ରକୃତି, ପରିବେଶର ସୁରକ୍ଷା ପାଇଁ ସଚେତନତା ଜରୁରୀ

ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)

ପ୍ରକୃତିର ରମ୍ୟ ଭୂମି ଗଜପତି ଜିଲା। ଏଠାରେ ବହୁ ଅମୂଲ୍ୟ ପ୍ରାକୃତିକ ସମ୍ପଦ ଏବଂ ପର୍ଯ୍ୟଟନସ୍ଥଳୀ ରହିଛି। ସେଥିପାଇଁ ଏଠାକୁ ବର୍ଷତମାମ୍ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ହେଲେ ଶୀତ ଋତୁରେ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିଥାଏ। ବଣଭୋଜି ସହ ଜିଲାରେ ରହିଥିବା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି ପର୍ଯ୍ୟଟକ। ଥରେ ଏଠାକୁ ଯିଏ ଆସନ୍ତି, ଦ୍ୱିତୀୟ ଥର ନିଶ୍ଚୟ ଆସିବାକୁ ଇଚ୍ଛା କରିଥାନ୍ତି। ହେଲେ ସଚେତନତା ଅଭାବ ଯୋଗୁ ପର୍ଯ୍ୟଟକମାନେ ଭୋଜି ପରେ ଏହା ପରିବେଶକୁ ସଫା ନ କରି ଚାଲିଯାଆନ୍ତି। ଫଳରେ ପର୍ଯ୍ୟଟକସ୍ଥଳୀ ଗୁଡ଼ିକର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ପଲିଥିନ୍ ବ୍ୟବହାର, ଶିକାର କରିବା, ଗଛ କାଟିବା, ଜଳ ପ୍ରଦୂଷିତ ଏବଂ ବାୟୁ ପ୍ରଦୂଷଣ କରୁଥିବା ଦେଖିବାକୁ ମିଳିଛି। ତେଣୁ ଏଥିରୁ ନିବୃତ ରହି ପର୍ଯ୍ୟଟନସ୍ଥଳୀ ପରିବେଶକୁ ସୁନ୍ଦର ଓ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ପ୍ରକୃତି ସୁରକ୍ଷା ମଞ୍ଚର ଆବାହକ ତ୍ରପତି ପଣ୍ଡା କହିଛନ୍ତି। ବୃକ୍ଷ ଏବଂ ବନ୍ୟପ୍ରାଣୀ ପ୍ରକୃତିର ମହତ୍ ଦାନ। ସେମାନଙ୍କ ସୁରକ୍ଷାରେ ଜୀବନଜଗତର ଦୀର୍ଘସ୍ଥାୟୀ ନିର୍ଭରଶୀଳ। ତେଣୁ ସମସ୍ତେ ସଚେତନ ହେବା ପାଇଁ ସେ ନିବେଦନ କରିଛନ୍ତି। ଏହାଦ୍ୱାରା ଜିଲାର ସୌନ୍ଦର୍ଯ୍ୟ ବଢ଼ିବା ସହ ବିକାଶ ଘଟିବ ବୋଲି ସେ କହିଛନ୍ତି।

# ପମ୍ପ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

ସଜନାଗଡ଼,୯।୨(ଡି.ଏନ.ଏ.)

ନୀଳଗିରି ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ପୋଡ଼ାଶୁଳ ଗ୍ରାମର ପମ୍ପ ହାଉସ ଡ୍ରାଇଭର ପ୍ରତାପଚନ୍ଦ୍ର ପତିଙ୍କୁ ପାଣି ପମ୍ପ ଚଳାଇବାକୁ କେନ୍ଦ୍ର କରି ପମ୍ପହାଉସର ସମ୍ପାଦକ ଖଗେନ୍ଦ୍ର ବେହେରା ମରଣାନ୍ତକ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଖଗେନ୍ଦ୍ର ତାଙ୍କୁ ଛାଡ଼ି ପଳାଇଯାଇଥିଲେ। ଏ ନେଇ ନୀଳଗିରି ଥାନାରେ ଏକ ମାମଲା (ନଂ.୪୮/୨୦) ରୁଜୁ ହୋଇଛି। ପୋଲିସ ଖଗେନ୍ଦ୍ର ବେହେରାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

■ ମଲ୍ଟି ଇଭେଣ୍ଟ ପ୍ରତିଯୋଗିତା

# ଗଜପତି ସ୍କେଟର୍‌ଙ୍କ ସଫଳତା

ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)

ଭାରତୀୟ ରୋଲ୍‌ବଲ୍ ଫେଡେରେଶନ୍ ଦ୍ୱାରା ଅନୁଷ୍ଠିତ ମଲ୍ଟି ଇଭେଣ୍ଟ ପ୍ରତିଯୋଗିତାରେ ପାରଳାଖେମୁଣ୍ଡିସ୍ଥିତ ଜିଲା ସ୍କେଟିଂ ଫେଡେରେଶନ୍‌ର ସ୍କେଟର୍‌ମାନେ ସଫଳତା ହାସଲ କରିଛନ୍ତି । ଏହି ମଲ୍ଟି ଇଭେଣ୍ଟ ପ୍ରତିଯୋଗିତା ଭାରତର ୨୬ ସହରରେ ଅନୁଷ୍ଠିତ ହେଉଥିବାବେଳେ ଓଡିଶାରେ ବ୍ରହ୍ମପୁର ଏବଂ ଭୁବନେଶ୍ୱରଠାରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମପୁରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଗଜପତିର ଖେଳାଳୀମାନେ ସଫଳତା ହାସଲ କରି ମାନପତ୍ର ସହ ସମ୍ମାନୀତ ହୋଇଛନ୍ତି। କୃତୀ ସ୍କେଟର୍‌ମାନେ ହେଲେ ଅଭିଜିତ ନାୟକ, ପ୍ରୟାସ ରଉତ, କୌଶିକ ସାହୁ, ଜି. ଆକାଶ। କୋଚ ସୁକାନ୍ତ ଦଳବେହେରାଙ୍କ ନେତୃତ୍ୱରେ ଖେଳାଳୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏପରି ସଫଳତା ପାଇଁ ଖେଳାଳୀମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।



କୃତୀ ସ୍କେଟର୍ ଓ ଫେଡେରେଶନ୍‌ର କର୍ମକର୍ତ୍ତା।

# 'ଜିଲାର ଶିକ୍ଷିତ ଯୁବତୀ ଯୁବକ ହେବେ ଉପକୃତ'

ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ, ଏସ୍‌ପି, ଜିଲାପାଳ ଓ ଅନ୍ୟମାନେ।

ଗଜପତି ଜିଲା ପୋଲିସ ପକ୍ଷରୁ ପାରଳାଖେମୁଣ୍ଡି ଉପକଣ୍ଠ ବେତାଗୁଡ଼ା ରିଜର୍ଭ ପୋଲିସ ପଡ଼ିଆଠାରେ ଚାଲିଥିବା ଦ୍ୱିତୀୟ ପର୍ଯ୍ୟାୟ ଉଡାନ୍ ତାଲିମ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ଏସ୍‌ପି ସାରା ଶର୍ମାଙ୍କ ନିର୍ଦ୍ଦେଶ ଏବଂ ନେତୃତ୍ୱରେ ଚାଲିଥିବା କାର୍ଯ୍ୟକ୍ରମରେ ବେକାର ଯୁବତୀ ଯୁବକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଭଳି ପ୍ରଶିକ୍ଷଣ ଦ୍ୱାରା ଜିଲାର ବେକାରିମାନେ ପୋଲିସ ଏବଂ ସାମରିକ ବାହିନୀରେ ଭର୍ତ୍ତି ହେବା ପାଇଁ ନିଜକୁ ଠିକ୍ ଭାବେ ପ୍ରସ୍ତୁତ କରିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ଓ ସେନାବାହିନୀ ପରୀକ୍ଷାରେ ସେମାନଙ୍କ ସଫଳତା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଜିଲାରେ ବେକାରି ସମସ୍ୟାକୁ ଦୂର କରିବା ଦିଗରେ ଏସ୍‌ପିଙ୍କ ଏପରି

**ଦ୍ୱିତୀୟ ପର୍ଯ୍ୟାୟ ଉଡାନ୍ ତାଲିମ ଉଦ୍‌ଯାପିତ**

ଅଭିନବ ପଦକ୍ଷେପକୁ ଜିଲାବାସୀ ଏବଂ ବିଶେଷକରି ପ୍ରଶିକ୍ଷଣ ନେଇଥିବା ଯୁବତୀ ଯୁବକ ପ୍ରଶଂସା କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଜିଲାର ବେକାର ଯୁବତୀ ଯବକ ଉପକୃତ ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଅନୁପମ ଶାହା, ଜିଲା ମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ରଥ, ପାରଳାଖେମୁଣ୍ଡି ଯୁବରାଣୀ କଲ୍ୟାଣୀ ଦେବୀ, ପୋଲିସ ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଟ୍ରକ୍ ମଧ୍ୟରେ ମୁହାଁମୁହିଁ



ପାପଡାହାଣ୍ଡି, ୯।୨(ଡି.ଏନ.ଏ): ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଲାରେ ରବିବାର ଟ୍ରାକ୍ଟର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଉଭୟ ଗାଡିର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ଖବର ପାଇଁ ମଇଦଲପୁର ପୋଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି । ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ. ଓଡି୨୪ଏ୩୮୧୪) ପାପଡାହାଣ୍ଡିରୁ ମଇଦଲପୁର ଆସୁଥିବା ବେଳେ ଟ୍ରକ(ନଂ. ସିଜି୦୪ଏଚପି୪୨୩୫) ସହ ଧକ୍କା ହୋଇଥିଲା । ଫଳରେ ଟ୍ରକର ଡାହାଣ ପାର୍ଶ୍ୱ ଭାଙ୍ଗି ଯାଇଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ମନ ଭତରା ସାମନ୍ୟ ଆହତ ହୋଇଥିଲେ । ଟ୍ରକ ଡ୍ରାଇଭର ସୁଶାନ୍ତ ବେହେରାଙ୍କୁ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଜଣାପଡିଛି।

### ବଡଓଲମାରେ ଯୁଥ ପାର୍ଲିଆମେଣ୍ଟ

ଡାବୁଗାଁ,୯।୨ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଆଶ୍ରମ ବିଦ୍ୟାଳୟରେ ଗ୍ରାମର ଯୁବତୀ ଯୁବକମାନଙ୍କୁ ନେଇ ଏକ ଯୁଥ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡାବୁଗାଁର ଆଇନଜୀବୀ ଜୟନ୍ତ କୁମାର ପାତ୍ର ଓ ଅବସରପ୍ରାପ୍ତ ଅଧାପକ ଯାମିନୀକାନ୍ତ ବିଷୋୟୀ ଯୋଗ ଦେଇ ସମ୍ବିଧାନର ମୌଳିକ ଅଧିକାର ଓ ନାଗରିକତ୍ୱ ସଂଶୋଧନ ଆଇନ ଉପରେ ଆଲୋଚନା କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ମିଶ୍ର ସାମାଜିକ ଗଣମାଧମ ଉପରେ ଆଲୋଚନା କରିଥିଲେ । ଏଥିରେ ବଡଓଲମା ସରପଞ୍ଚ ନୀଳେନ୍ଦ୍ର ଭତ୍ରା, ଉମାକାନ୍ତ ବିଶ୍ୱାଳ, କେଶରୀ ଭତ୍ରା, ଦୟାନିଧି ଜାନୀ, ଅମ୍ରୀତି ଲାଲ ପଣ୍ଡା, ରତୁରାଜ ଭତ୍ରା, ରମେଶ ବିଶୋୟୀ, ଅମିତ ବିଶୋୟୀ ଓ ଯୁବତୀ ଯୁବକମାନେ ଉପସ୍ଥିତ ଥିଲେ। ବୁଦୁରାମ ଜାନୀ ମଞ୍ଚ ପରିଚାଳନା କରିଥିଲେ ।

### ଶୀତ ପ୍ରଭାବ : ସନ୍ଧ୍ୟାହେଲେ ରାସ୍ତା ଶୂନଶାନ

ନବରଙ୍ଗପୁର,୯।୨(ବି.ପ୍ର.): ଦୁଇଦିନ ହେବ ମେଘୁଆ ପାଗ ସାଙ୍ଗକୁ ଝିପିଝିପି ବର୍ଷା । ଶୀତର ପ୍ରକୋପ ମଧ କିଛି କମ ନୁହେଁ । ରବିବାର ପୂର୍ବାହ୍ନ୧୦ଟା ପର୍ଯ୍ୟନ୍ତ ଜିଲାରେ ବର୍ଷା ଲାଗି ରହିଥିଲା । ପରବର୍ତ୍ତି ସମୟରେ ବର୍ଷା କମିଥିଲେ ମଧ ଶୀତ ବଢିଛି । ପ୍ରାୟତଃ ଦେକାନ ବଜାରରେ ଭିଡ କମିଛି । ଜନଗହଳି ପୂର୍ଣ୍ଣ ନବରଙ୍ଗପୁର ସହର ଶୀତ ଲାଗି ସନ୍ଧ୍ୟାରେ ଖାଁ ଖାଁ ଲାଗିଥିଲା । ସହରୀକରଣ ଆବାସ ଯୋଜନା ଓ ଗ୍ରାମାଞ୍ଚଳ ମାନଙ୍କରେ ଆବାସ ଯୋଜନାରେ ଘର ତିଆରି କରୁଥିବା ଲୋକମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ଅଦିନିଆ ବର୍ଷା ଓ ଶୀତ ଲାଗି ପରିବା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।

### ସେନା କର୍ମଚାରୀଙ୍କ ଘରୁ ଚୋରି ଅଭିଯୋଗ

ଦିଗପହଣ୍ଡି,୯।୨(ଡି.ଏନ.ଏ.): ଦିଗପହଣ୍ଡି ପୁଞ୍ଜିକଆଁ ଛକ ନିକଟସ୍ଥ ସାରଥି ନରସିଂହ କଲୋନୀର ଅବସରପ୍ରାପ୍ତ ସେନା କର୍ମଚାରୀ ରବୀନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବୀନ୍ଦ୍ରଙ୍କ ଏତଲା କ୍ରମେ ପୋଲିସ ନଂ. ୩୦/୨୦ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଶନିବାର ରାତ୍ରି ଭୋଜନ ସାରି ରବୀନ୍ଦ୍ର ପରିବାର ସହ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି କରିଥିଲେ ମଧ ସେମାନେ ଜାଣି ପାରି ନ ଥିଲେ। ରବିବାର ଭୋର ପ୍ରାୟ ସାଢ଼େ ୪ଟାରେ ରବୀନ୍ଦ୍ର ପରିସ୍ରା ପାଇଁ ଉଠିବା ପରେ ଘଟଣା ସମ୍ପର୍କରେ ଜାଣିଥିଲେ। ଲଗାଣ ବର୍ଷା ଯୋଗୁ କଲୋନୀ ନିଛାଟିଆ ଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ପଛ ପଟ ଗ୍ରିଲ ଓ ଝରକା ଭାଙ୍ଗି ଘରେ ପଶି ଟ୍ରଙ୍କରେ ଥିବା ସୁନା ମୁଦି ଓ ମୂଲ୍ୟବାନ ଶାଢ଼ି, ନଗଦ ୫ ହଜାର ଟଙ୍କା ସମେତ ମୋବାଇଲ ଫୋନ ଓ ପ୍ୟାଣ୍ଟ ପକେଟରୁ ପର୍ସ ନେଇ ଯାଇଛନ୍ତି। ଏଥିସହ ଘରର ଅନ୍ୟ ଆସବାବପତ୍ର ନେଇ ବାରିପଟେ ଫୋପାଡି ଦେଇଥିଲେ। ଖବର ପାଇ ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଚୋରଙ୍କ ସମ୍ପର୍କରେ ସୁରାକ ମିଳି ପାରିନାହିଁ।

# ଶଯ୍ୟାଶାୟୀ କ୍ରୀଡ଼ାବିତ୍ ଦେବେନ୍ଦ୍ର

ପାପଡାହାଣ୍ଡି, ୯।୨(ଡି.ଏନ.ଏ)

**ଚିକିତ୍ସାରେ ଅର୍ଥ ବାଧକ**



ଦେବେନ୍ଦ୍ର ଜାନି।

ପାପଡାହାଣ୍ଡି, ୯।୨(ଡି.ଏନ.ଏ): ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗ ନେଇ ନିଜ ଜିଲା ପାଇଁ ଗର୍ବ ଓ ଗୌରବ ଆଣିବାକୁ ଯାଇଥିଲେ ଆଦିବାସୀ ଯୁବକ । ଖେଳୁଥିବା ସମୟରେ ହେଲେ ଆହତ । ଅର୍ଥ ଅଭାବରୁ ଠିକ ଭାବେ ଚିକିତ୍ସିତ ହୋଇ ପାରି ନଥିଲେ। ଚିକିତ୍ସା ଅଭାବରୁ ଦୀର୍ଘ ୨ ବର୍ଷ ହେଲା ଶଯ୍ୟାଶାୟୀ ହୋଇପଡିଛନ୍ତି କ୍ରୀଡାବିତ ଦେବେନ୍ଦ୍ର ଜାନି। ବଞ୍ଚିବା ପାଇଁ ସେ ସଂଘର୍ଷ କରୁଛନ୍ତି ।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ଖଲିଗୁଡା ଗ୍ରାମର ଦେବେନ୍ଦ୍ର । ନୂଆକଟ ଉଚ୍ଚ ବିଦ୍ୟାଳୟରେ ସେ ପାଠ ପଢୁଥିଲେ। ୨୦୧୭ ମସିହାରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ଭାଗନେବା ଲାଗି ପୁରୀ ଜିଲା ପିପିଲି ଯାଇଥିଲେ । ଆଶା କରିଥିଲେ ଆଦିବାସୀ ଅଞ୍ଚଳରୁ ଯାଇ ଜିଲା ପାଇଁ ଗର୍ବ ଓ ଗୌରବ ସାଉଣ୍ଟିବେ। ହେଲେ ଭାଗ୍ୟର ବିଡମ୍ବନା ଖେଳୁଥିବା ସମୟରେ ଦେବେନ୍ଦ୍ରଙ୍କ ଉପରେ ଏକାଧିକ ଖେଳାଳି ପଡ଼ିଯାଇଥିଲେ। ଯାହା ଦ୍ୱାରା ଦେବେନ୍ଦ୍ରଙ୍କ ପିଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା। ତୁରନ୍ତ ଦେବେନ୍ଦ୍ରଙ୍କୁ କଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ୨ ମାସ ଚିକିତ୍ସିତ ହେବା ପରେ ତାଙ୍କୁ ଘରକୁ ଫେରାଇ ଦିଆଯାଇଥିଲା । ବାପା ବଳି ଯାନୀ କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି । ଅର୍ଥ ଅଭାବରୁ ଦେବେନ୍ଦ୍ରଙ୍କ ଚିକିତ୍ସା କରି ପାରୁ ନ ଥିବାରୁ ବର୍ତ୍ତମାନ ସେ ଶଯ୍ୟାଶାୟୀ ହୋଇପଡିଛନ୍ତି । ଦେବେନ୍ଦ୍ରଙ୍କ ଦୈନନ୍ଦିନ କଥା ବୁଝିବା ଲାଗି ମା’ ବାପାଙ୍କୁ କାମ ଧନ୍ଦା ଛାଡି ରହିବାକୁ ପଡୁଛି। ସବୁ ବେଳେ ଦେବେନ୍ଦ୍ର ବିଛଣାରେ ପଡି ରହୁଛନ୍ତି। ସେଠାରେ ହିଁ ସେ ଶୌଚ କରୁଛନ୍ତି । ପ୍ରତି ମୁହୂର୍ତ୍ତରେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି । ଶରୀର ଖରାପ ଯୋଗୁଁ ଦେବେନ୍ଦ୍ରଙ୍କ ପାଠ ପଢାରେ ଡୋରି ଲାଗିଛି । ଦେବେନ୍ଦ୍ରଙ୍କ ଦୁଃଖ ବୁଝିବାକୁ କେହି ନ ଥିବା ଦେବେନ୍ଦ୍ରଙ୍କ ପରିବାର ଅଭିଯୋଗ କରିଛନ୍ତି । ଏକ ମାତ୍ର ପୁଅର ଚିକିତ୍ସା ଠିକ ଭାବରେ କରାଇବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। କ୍ରୀଡ଼ାବିତଙ୍କ ପ୍ରତି ପ୍ରଶାସନର ଅଣଦେଖାକୁ ସ୍ଥାନୀୟ କ୍ରୀଡା ପ୍ରେମୀ ନିନ୍ଦା କରିଛନ୍ତି।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ଉମରକୋଟ,୯।୨(ଡି.ଏନ.ଏ)

ସ୍ଥାନୀୟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କର ଡେପୁଟି ମ୍ୟାନେଜର ପ୍ରମୋଦ କୁମାର ପାଣୀଗ୍ରାହୀ, ବ୍ୟାଙ୍କ ଅଫିସର ଦୀପକ କୁମାର ନାୟକ, ସାଧନ କର୍ମୀ ନିତ୍ୟାନନ୍ଦ ପଣ୍ଡା ଉପସ୍ଥିତ ରହି ପିଲାମାନଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବ୍ୟାଙ୍କ ସେକ୍ଟରେ ଚାକିରି କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ ବିଭିନ୍ନ ପରୀକ୍ଷା ଓ ତତ ସଂକ୍ରାନ୍ତୀୟ ବିଷୟ ପ୍ରତି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧକ୍ଷା ଡଃ ଅନୀତା ମାଝି ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ କୋର୍ଡିନେଟର ଅଧାପକ ଦୀବାକର ପଟ୍ଟନାୟକ ପରିଚୟ ପ୍ରଦାନ କରିଥିଲେ। ଅଧାପକ ପଙ୍କଜ ମିଶ୍ର ଧନ୍ୟବାଦ ଦେଇଥିଲେ। ରବିନ୍ଦ୍ର ମିଶ୍ର, ଶେଷାନନ୍ଦ ମିଶ୍ର, ପ୍ରଦୀପ କୁମାର ଚୌଧୁରୀ, ଜି.ଧର୍ମେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଡିଗ୍ରୀ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜନଜାତିଙ୍କ ସ୍ୱାସ୍ଥ୍ୟ, ପୋଷଣ ସମ୍ପର୍କରେ ହେବ ଗବେଷଣା

ନବରଙ୍ଗପୁର,୯।୨(ବି.ପ୍ର)

- ମାର୍ଚ୍ଚ ମାସରୁ ଆରମ୍ଭ ହେବ ଗବେଷଣା
- ବଂଶାନୁକ୍ରମିକ ରୋଗ ସମ୍ପର୍କରେ ସଂଗ୍ରହ ହେବ ତଥ୍ୟ

ନବରଙ୍ଗପୁର ଜିଲାର ଜନଜାତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ଜୀବ ବିଜ୍ଞାନ ପ୍ରତିଷ୍ଠାନ ଦ୍ୱାରା ଗବେଷଣା କରାଯିବ। ଆସନ୍ତା ମାର୍ଚ୍ଚ ମାସରୁ ଗବେଷଣା ଆରମ୍ଭ ହେବ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ ଅକ୍ଷୟ ପରିଡା ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ସୂଚନା ଦେଇଛନ୍ତି। ଶନିବାର ଜୀବ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକଙ୍କ ଠାରୁ ଜିଲାପାଳ ଏ ସମ୍ପର୍କରେ ବୁଝିଥିଲେ। ଜନଜାତିଙ୍କ ମଧରେ ରହିଥିବା ବିଭିନ୍ନ ବଂଶାନୁକ୍ରମିକ ରୋଗ, ପୋଷଣ ସମ୍ପର୍କରେ ଗବେଷଣା ଆରମ୍ଭ କରାଯିବ। ଏହାଦ୍ୱାରା ବିଭିନ୍ନ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜାଣି ହେବ ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି। ଏହା ରୋଗ ପ୍ରତିରୋଧକ କ୍ଷମତା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ଜ୍ଞାନ ସମ୍ପର୍କରେ ମଧ ସାହାଯ୍ୟ କରିବ। ଭାରତ ସରକାରଙ୍କ ଜୈବ ବିଜ୍ଞାନ ବିଭାଗରେ ‘ଜିନମ ଇଣ୍ଡିଆ’ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷିଣ ଓଡିଶାର ନବରଙ୍ଗପୁର ଓ ମାଲକାନଗିରି ଜିଲାକୁ ସ୍ଥାନିତ କରାଯାଇଛି। ଜିଲାର ଚନ୍ଦାହାଣ୍ଡି, ଝରିଗାଁ, ରାଇଘର ଭଳି ବ୍ଲକରେ ରହୁଥିବା ଜନଜାତିଙ୍କ ନମୂନା ସଂଗ୍ରହ ଦିଗରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଡଃ ରାଜୀବ ସ୍ୱାଇଁ, ଡଃ ରୁପେସ ନାଥ, ଶାନ୍ତି ସେନାପତି, ସତିଶ ଦେବଦାସ, ପିଭି ରାମଚନ୍ଦ୍ର, ପୁନିତ ପ୍ରସାଦ,ଲକ୍ଷ୍ମୀ ନାରାୟଣ ବକ୍ସି ଉପସ୍ଥିତ ଥିଲେ।

# ଲୁଟେରାଙ୍କୁ କାବୁ କରି ପିଟିଲେ ଲୋକେ

ବାହାନଗା, ୯।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିଉଳ ଗ୍ରାମର ଜଣେ ଫେରି ବ୍ୟବସାୟୀ ଘରକୁ ଫେରୁଥିବା ବେଳେ ଖରାସାହାପୁର ପଞ୍ଚାୟତର ମହାନ୍ତି ପୋଲ ନିକଟରେ ଗତ ଶନିବାର ରାତିରେ ଜଣେ ଯୁବକ ବ୍ୟବସାୟୀଙ୍କୁ ଅଟକାଇ ମାଡ ମାରି ତାଙ୍କ ନିକଟରୁ ଟଙ୍କା ଲୁଟି ନେଇ ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ଲୋକେ ତାଙ୍କୁ କାବୁ କରି ନିର୍ଘୁମ ପିଟିଥିଲେ। ଏହାପରେ ସୋର ଥାନା ପୋଲିସ୍‌କୁ ହସ୍ତାନ୍ତର କରିଥିଲେ ।

ଶନିବାର ରାତି ପ୍ରାୟ ୯ଟା ବେଳେ ଚିଉଳ ଗ୍ରାମର ଶ୍ରୀଧର ନାୟକ ବିଭିନ୍ନ ଗାଁ ଗାଁ ବୁଲି ସାମଗ୍ରୀ ଧରି ଲୁନା ଗାଡିରେ ବାହାନଗା ବ୍ଲକ ଅଭଣା ଓ ଖରାସାହାପୁର ଅଞ୍ଚଳରେ ବିକ୍ରି କରି ଘରକୁ ଫେରୁଥିଲେ। ଏହି ସମୟରେ ଖରାସାହାପୁର ବଜାର ଛକରେ ଫେରି ବ୍ୟବସାୟୀ ଜଣକ ଜଳଖିଆ ଖାଇବା ପରେ ସେ ରାତି ୮ ଟା ୪୦ରେ ଘରକୁ ଫେରୁଥିଲେ। ଖରାସାହାପୁର ଅଞ୍ଚଳର ଶଙ୍କରପଦା ଗ୍ରାମର ବିନୟ ମହାଳିକ ବ୍ୟବସାୟୀଙ୍କ ପାଖରେ ଟଙ୍କା ଥିବା ଦେଖି ତାଙ୍କ ପିଛା କରିଥିଲେ। ତେବେ ରମ୍ଧାସ୍ଥିତ ମହାନ୍ତି ପୋଲ ନିକଟରେ ଯୁବକ ଜଣକ ଶ୍ରୀଧୀରଙ୍କୁ ଅଟକାଇ ଟଙ୍କା ଛଡାଇବା ସହିତ ତାଙ୍କୁ ମାଡ ମାରିଥିଲେ । ତାଙ୍କ ନିକଟରୁ ୩ହଜାର ଟଙ୍କା ଓ ବିଭିନ୍ନ ସାମଗ୍ରୀ ଛଡାଇ ନେଉଥିବା ବେଳେ ରମଧା ଗ୍ରାମର କେତେକ ଲୋକ ଦେଖି ଲୁଟେରା ଯୁବକଙ୍କୁ କାବୁ କରିପକାଇଥିଲେ। ତେବେ ରାତିରେ ରମ୍ଧା ଗ୍ରାମକୁ ଆଣି ଲୁଟେରା ଯୁବକଙ୍କୁ ମାଡ ମାରିବା ପରେ ସୋର ଥାନାକୁ ଖବର ଦେଇଥିଲେ । ପୋଲିସ୍ ଘଟଣାସ୍ଥଳକୁ ଆସି ଲୁଟେରାଙ୍କୁ ଗ୍ରାମବାସୀଙ୍କଠାରୁ ଉଦ୍ଧାର କରି ଥାନାକୁ ନେଇଯାଇଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ବିଚାରାଧୀନ ଅନ୍ତେବାସୀଙ୍କ ମୃତ୍ୟୁ

ନବରଙ୍ଗପୁର,୯।୨(ବି.ପ୍ର.)

ଗଞ୍ଜେଇ ଚାଲାଣ ଅଭିଯୋଗରେ ବିଚାରାଧିନ ଅନ୍ତେବାସୀ ଭାବେ ନବରଙ୍ଗପୁର ଉପକାରାଗାରରେ ରହିଥିବା ପୁରୁଶକ୍ତି ଖୋଡାଙ୍କ ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ଘଟିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

କୋରାପୁଟ ଜିଲା ପାଡୁଆ ଥାନା ଅଧିନ ସୁଭାପୁଟ ଗାଁର ପୁରୁଶକ୍ତି ଖୋଡା ଗଞ୍ଜେଇ ଚାଲାଣ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଏନେଇ ପାପଡାହାଣ୍ଡି ଥାନାରେ ନଂ. ୫୮/୧୬ ଏକ ମାମଲା ରୁଜୁ ହୋଇଥିଲା । । କୋର୍ଟରୁ ଜାମିନରେ ପୁରୁଶକ୍ତି ଆସିଥିଲେ। ମାମଲା ବିଚାରାଧିନ ରହିଥିଲେହେଁ ଖୋଡା ଫେରାର ହୋଇଯାଇଥିଲେ । କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି ହେବା ପରେ ଖୋଡା ନବରଙ୍ଗପୁର କୋର୍ଟରେ ୨୦୧୯ ସେପ୍ଟମ୍ବର ୨୩ ତାରିଖରେ ଆତ୍ମସମର୍ପଣ କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନଥିବାରୁ ଜେଲରେ ଡାକ୍ତର ଆସି ଚିକିତ୍ସା କରୁଥିଲେ । ୪ ତାରିଖରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ନିଦାନ ପରେ ଜଣାପଡିଥିଲା ଯେ ସେ ରକ୍ତହୀନତାରେ ଆକ୍ରାନ୍ତ ହେବା ସହ ଲିଭର ସିରାସିସ ହୋଇଛି । ଶୁକ୍ରବାର ଆଇସିୟୁକୁ ସ୍ଥାନାନ୍ତରିତ କରାଯାଇ ଅଧିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । ପୁରୁଶକ୍ତିଙ୍କୁ ରକ୍ତ ଦିଆଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଶନିବାର ରାତିରେ ମୃତ୍ୟୁ ଘଟିଥିଲା । ଖୋଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା । ପୁରଶକ୍ତିଙ୍କ ସ୍ତ୍ରୀ ପାର୍ବତୀ ଖୋଡା ଓ ୨ ପୁଅ ଉପସ୍ଥିତ ଥିଲେ । ରବିବାର ପରିବାର ଓ ଗାଁ ଲୋକ ଆସିବା ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହାୟକ ଜିଲାପାଳ ଗୁଡ୍ରା ହେମ୍ବ୍ରମଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ମୃତଦେହ ବ୍ୟବଚ୍ଛେଦ ସମୟରେ ନବରଙ୍ଗପୁର ଉପକାରାଗାର ଜେଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକ, ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ, ନବରଙ୍ଗପୁର ରାଜସ୍ୱ ନିରିକ୍ଷକ ଉପସ୍ଥିତ ଥିଲେ । ଜେଲ କର୍ତ୍ତୃପକ୍ଷ ୩ ହଜାରଟଙ୍କା ଓ ଜିଲା ପ୍ରଶାସନ ପକ୍ଷରୁ ୧୦ ହଜାରଟଙ୍କା ମୃତ ପରିବାରଙ୍କୁ ସହାୟତା ପ୍ରଦାନ କରାଯାଇଛି । ମୃତଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ମା’ ଠାକୁରାଣୀ କ୍ରିକେଟ କ୍ଲବ୍ ଟୁର୍ନାମେଣ୍ଟ ଶୁଭାରମ୍ଭ



ଖେଳାଳିଙ୍କ ସହ ଅତିଥିମାନେ କରମର୍ଦ୍ଦନ କରୁଛନ୍ତି।

ଝରିଗାଁ,୯।୨(ସ୍ୱ.ପ୍ର):

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାସ୍ଥିତ ମିନି ଷ୍ଟାଡିୟମ୍‌ଠାରେ ମା’ ଠାକୁରାଣୀ କ୍ରିକେଟ୍ ଟୁର୍ନାମେଣ୍ଟ ଶୁଭାରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସମ୍ମାନୀତ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ରମୁଲା ଗଣ୍ଡ, ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧୁରୁଆ, ଥାନା ଅଧିକାରୀ ନରେଶକୁମାର ପ୍ରଧାନ, ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଂଜନ ଦାସ, ସରପଞ୍ଚ ଅଗସ୍ତି ପୂଜାରୀ, ଜିଲା ପରିଷଦ ସଭ୍ୟ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନବରଙ୍ଗପୁର ଏବଂ ବାହାର ଜିଲାରୁ କ୍ରିକେଟ୍ ଖେଳାଳିମାନେ ଆସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ପ୍ରଥମ ଦିନରେ ଝରିଗାଁ ଓ ନବରଙ୍ଗପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ନବରଙ୍ଗପୁର ଦଳ ବିଜେତା ହୋଇଛି। ସେହିପରି ଅପରାହ୍ନରେ ଉମରକୋଟ ସହ କୁସୁମି(କୋଟପାଡ) ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ କୁସୁମିର ଖେଳାଳିମାନେ ବିଜୟୀ ହୋଇଥିଲେ। ଆସନ୍ତା ୧୬ ତାରିଖରେ ଫାଇନାଲ୍ ଖେଳ ରହିଥିବା ନେଇ ପରିଚାଳନା କମିଟିତରଫରୁସୂଚନା ମିଳିଛି।

# ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ବାସୁଦେବପୁର,୯।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଚୁଡ଼ାମଣି ଗ୍ରାମର ରାଜେଶ ରଣା ନାମକ ଜଣେ କଲେଜ ଛାତ୍ରଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ରାଜେଶ ହେଉଛନ୍ତି ଗ୍ରାମର ବାବୁଲା ରଣାଙ୍କ ପୁତ୍ର। ରାଜେଶ ଭଦ୍ରକ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନ ବିଭାଗର ଶେଷବର୍ଷର ଛାତ୍ର ଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ, ରାଜେଶ ସକାଳ ପ୍ରାୟ ୭ଟା ବେଳେ ଗାଁ ନିକଟସ୍ଥ ଗୋଟିଏ ସାହିକୁ ଟ୍ୟୁଶନ କରିବାକୁ ଯାଇଥିଲେ।

# ଶିକ୍ଷକ ସଂଘ ବନ୍ଧୁମିଳନ

ଚନ୍ଦାହାଣ୍ଡି, ୯।୨(ଡି.ଏନ୍.ଏ.)

ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ଚନ୍ଦାହାଣ୍ଡି ଶାଖା ପକ୍ଷରୁ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଜମାପଦରପଡ଼ା ହାଇସ୍କୁଲରେ କରାଯାଇଛି। ବ୍ଲକ ସଭାପତି ବିଶ୍ୱ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ପ୍ରକାଶ ମାଝି, ସାମାଜିକ କର୍ମୀ ପ୍ରମୋଦ ପାଢ଼ୀ, ବିଇଓ ଭଜନଲାଲ ମାଝି, ଏବିଇଓ ପ୍ରେମଚାନ୍ଦ ଧୁରୁଆ, ଜିଲା ସଂଘ ସଭାପତି ସନ୍ତୋଷ ପାତ୍ର, ଜିଲା ଉପସଭାପତି ତ୍ରିପତି ଦଳେଇ, ଜିଲା ସାଧାରଣ ସମ୍ପାଦକ ଗଣେଶ ରଣା ଓ ବରିଷ୍ଠ ଶିକ୍ଷକ ପୁରୁଷୋତ୍ତମ ପାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଂଘର ବିଭିନ୍ନ ଦାବି ଯଥା ନୂତନ କ୍ୟାଡ଼ର ରୁଲ ଲାଗୁ, ନୂତନ ପେନଶନ ବ୍ୟବସ୍ଥା ଉଚ୍ଛେଦ, ଶିକ୍ଷକ ଭବନ ନିର୍ମାଣ ଶେଷ, ଏକ ସ୍ମାଟ ପ୍ରଶିକ୍ଷଣ ଗୃହ ନିର୍ମାଣ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଦାବି ପୂରଣ କରାଯିବ ବୋଲି ଏମ୍‌ପି ଓ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କଠାରୁ ଶ୍ରେଷ୍ଠ ବିଏଲ୍‌ଓଭାବେ ପୁରସ୍କୃତ ହୋଇଥିବା ରାମଚନ୍ଦ୍ର ଧୁରୁଆ, ରାଜ୍ୟସ୍ତରୀୟ ଅନ୍‌ଲାଇନ କୁଇଜ୍ ପ୍ରତିଯୋଗିତାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିବା ବିଶ୍ୱରଞ୍ଜନ ପଣ୍ଡା ଏବଂ କୁମୁଦ କୁମାର ବାଘଙ୍କୁ ସଂଘ ପକ୍ଷରୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୋଭାସିଂ ପୋନ, ବୃନ୍ଦାବନ ସାହୁ, କରେନ୍ଦ୍ର ମାଝି, ରଞ୍ଜିତ ସାହୁ, ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ବି ଆଚାର୍ଯ୍ୟ କାର୍ଯକ୍ରମ ପରିଚାଳନା କରିଥିବାବେଳେ ରାଜେଶ ଦଣ୍ଡସେନା ଧନ୍ୟବାଦ ଦେଇଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଦ୍‌ବୋଧନ ଦେଉଛନ୍ତି।

# ମନ ମୋହିଲା ନାଟକ ମହୋତ୍ସବ

ଉମରକୋଟ,୯।୨(ଡି.ଏନ୍.ଏ.)

ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଉମରକୋଟ ଭାରତୀ କଳା ନିକେତନର ୧୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାରତୀ କଳା ନିକେତନ ପକ୍ଷରୁ ଚତୁର୍ଥ ତ୍ରିଦିବସୀୟ ନାଟକ ମହୋତ୍ସବ ଆୟୋଜନ କରାଯାଇଥିଲା। କଳାକାରଙ୍କ ଚିତ୍ତାକର୍ଷକ ନାଟକ ପରିବେଷଣ ଦର୍ଶକମାନଙ୍କ ମନ ମୋହିଥିଲା । ଖରତପ, ଅଶୋକ, ଛିଣ୍ଡା ଚପଲ ଓ ସମ୍ପର୍କ ଭଳି ଅନେକ ନାଟକଗୁଡିକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ଅଶୋକ ନାଟକରେ ଜଣେ ହିଁ ଶିଶୁ କଳାକାର ସାଇଅନୁଷ୍କା ମହାରଣା ଚମତ୍କାର ଅଭିନୟ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଭବାନୀପାଟଣା ସଂଗମ ଅନୁଷ୍ଠାନର କଳାକାରମାନେ ‘ଖରତପ’ ନାଟକ ପରିବେଷଣ କରିଥିଲେ। ନାଟ୍ୟକାର ଓ ନିର୍ଦ୍ଦେଶକ ରାଜେନ୍ଦ୍ର ପାଢ଼ୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସଂଗମ ଅନୁଷ୍ଠାନର ସମସ୍ତ କଳାକାର ନିପୁଣ ଅଭିନୟ କରିଥିଲେ। ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ରଚିତ ଓ ଶ୍ରୀ ପ୍ରେମଚାନ୍ଦ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନବରଙ୍ଗପୁର ତ୍ରିଧାରା ନାଟ୍ୟସଂଘର କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ ‘ଛିଣ୍ଡା ଚପଲ’ ଏବଂ ଭାରତୀ କଳା ନିକେତନର କଳାକାରମାନେ ଅଧାପକ ଗୋପାଳ ମହାରଣା ରଚିତ ଓ ଅଧାପିକା ମଧୁସ୍ମିତା ମହାରଣା ନିର୍ଦ୍ଦେଶିତ ନାଟକ ସମ୍ପର୍କ ପରିବେଷଣ କରାଯାଇଥିଲା। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ କଳା ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୩ ଜଣ ବିଶିଷ୍ଟ ପ୍ରତିଭାଙ୍କୁ ଚଳିତବର୍ଷର ମା’ ରାଧା ଦେବୀ କଳାଶ୍ରୀ ସମ୍ମାନ ୨୦୨୦ରେ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସମ୍ବଲପୁରର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ପୁରୀର ନାଟ୍ୟକାର ଓ ନିର୍ଦ୍ଦେଶକ ବିଜୟ କୁମାର ସିଂହ, ଗଞ୍ଜାମର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ପ୍ରହଲ୍ଲାଦ ବେହେରା । ଏଥିରେ ଅତିଥିଭାବେ ଦୂରଦର୍ଶନ କଣ୍ଠଶିଳ୍ପୀ ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ଆଦିବାସୀ ସଂସ୍କୃତି ଗବେଷକ ଡଃ ରାଜେନ୍ଦ୍ର ପାଢ଼ୀ, ଦୂରଦର୍ଶନ ଅଭିନେତା ପ୍ରକାଶ ମହାନ୍ତି ଯୋଗଦେଇ ଭାରତୀ କଳାନିକେତନର ଏହି ଉଦ୍ୟମକୁ ପ୍ରସଂଶା କରିବା ସହ ଅଧାପକ ଗୋପାଳ ମହାରଣାଙ୍କୁ ନାଟ୍ୟ ଜଗତର ଜଣେ ଉଜ୍ଜ୍ୱଳ ନକ୍ଷତ୍ର ବୋଲି ମତପୋଷଣ କରିଥିଲେ । ନାଟକ ମହୋତ୍ସବର ସମ୍ପାଦକ ଏମ୍. ମଧୁଛନ୍ଦା ବିବରଣୀ ପାଠ କରିଥିବା ବେଳେ ଭାରତୀ କଳାନିକେତନ ସଭାନେତ୍ରୀ ମଧୁସ୍ମିତା ମହାରଣା ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ । ଅନୁଷ୍ଠାନ ଦ୍ୱାରା ଆୟୋଜିତ ସାଂସ୍କୃତିକ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାକୁ ଚନ୍ଦନା ମଲ୍ଲିକ ଓ ସ୍ୱାଗତିକା ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୦ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ ।



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି ।

# ମେଣ୍ଟରାଜପୁର ଛକରେ ବସ୍ ଦୁର୍ଘଟଣାର ଦୃଶ୍ୟ...




ମେଣ୍ଟରାଜପୁର ଛକରେ ରବିବାର ବିଦ୍ୟୁତ୍ ତାର ଲାଗି ସିଲ୍କି ସିଟି ବସ୍ ଦୁର୍ଘଟଣାସ୍ଥଳରେ ଜମା ହୋଇଥିବା ସ୍ଥାନୀୟ ଲୋକେ।




ଜଣେ ଆହତଙ୍କୁ ମେଡିକାଲକୁ ନିଆଯାଉଛି।



ଜଣେ ଆହତଙ୍କ ଚିକିତ୍ସା ଚାଲିଛି।



ମେଡିକାଲରେ ଶୋକାକୁଳ ପରିବାର।



ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ ଓ ଅନ୍ୟ ବରିଷ୍ଠ ଅଧିକାରୀ।



ଆହତଙ୍କ ନିକଟରେ ଗୋପାଳପୁର ବିଧାୟକ ଓ ଅନ୍ୟମାନେ।



ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରୁଛନ୍ତି।



ନିର୍ବନ୍ଧ ପାଇଁ ଯାଇଥିବା ପୂଜା ସାମଗ୍ରୀ।



ଶୋକାକୁଳ ଆତ୍ମୀୟ।



ମେଡିକାଲରେ ଜଣେ ଆହତଙ୍କ ନିକଟରେ ସମ୍ପର୍କୀୟ।



ଜଣେ ଆହତଙ୍କୁ ଅଟୋରୁ ବାହାର କରାଯାଉଛି।



ଚିକିତ୍ସାଳୟରେ ଆହତ।



ପୋଡ଼ି ଯାଇଥିବା ବସ୍ ଭିତର।

## ସଂକ୍ଷେପରେ

### କମ୍ପ୍ୟୁଟର ତାଲିମ ଶିବିର



ଦଶମନ୍ତପୁର,୯।୨(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ଏସ୍. ଏସ୍. କମ୍ପ୍ୟୁଟର ତାଲିମ କେନ୍ଦ୍ରରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ମାଗଣାରେ କମ୍ପ୍ୟୁଟର ତାଲିମ ଶିବିର ରବିବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟର ଅଧାପକ ପର୍ଶୁରାମ ସାହୁ ଯୋଗଦେଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଦିଲ୍ଲୀପ କୁମାର ପ୍ରଧାନ, କମ୍ପ୍ୟୁଟର ତାଲିମଦାତା ନିରଞ୍ଜନ ଭୋଇ, ରାଜୀବ ଖୋସଲା, ସସ୍ମିତା ତୁରୁକଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଶିବିର ମାଧମରେ ଗରିବ ଶ୍ରେଣୀର କେବଳ ୨୫ ଜଣ ଛାତ୍ରୀଛାତ୍ରଙ୍କୁ ହିଁ ୩ ମାସ ଯାଏ ମାଗଣାରେ କମ୍ପ୍ୟୁଟର ତାଲିମ ଦିଆଯାଇ ପାରିବ ବୋଲି ତାଲିମଦାତା ଭୋଇ ପ୍ରକାଶ କରିଛନ୍ତି।

### ହାଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସୁନାବେଡ଼ା, ୯।୨: ସୁନାବେଡ଼ା ହାଲ୍ ଏବଂ ଲେଡିଜ୍ କ୍ଲବ ପକ୍ଷରୁ ସୁନାବେଡ଼ା ଅଞ୍ଚଳର ରାଉତପୁଟ ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଉତପୁଟ ଆଖପାଖ ଗ୍ରାମର ପ୍ରାୟ ଶତାଧିକ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ହାଲ୍ ହସ୍ପିଟାଲ ତରଫରୁ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଲ୍ ହସ୍ପିଟାଲର ସମସ୍ତ ବିଭାଗର ଡାକ୍ତର ଉପସ୍ଥିତ ରହି ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ନିୟୋଜିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପରଖି ନିୟମିତ ବ୍ୟବହାର ପାଇଁ ଔଷଧ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ହାଲ୍ ହସ୍ପିଟାଲର ଡାକ୍ତର ସଞ୍ଜୟ ମହାପାତ୍ର, ଡାକ୍ତର ସଂଜୟ ପାଲ, ଡାକ୍ତର ପି.କେ. ପଲ, ଡାକ୍ତର ପାର୍ଥ ସାରଥୀ ସେଠୀ, ଡାକ୍ତର ଅମିୟ ରଞ୍ଜନ ବେହେରା, ଡାକ୍ତର ଫାତିମା ଏବଂ ଡାକ୍ତର ରାମକୃଷ୍ଣ, ଆଇଆର୍ ତୁଷାର ରଞ୍ଜନ ବେହେରା, ସୂର୍ଯ୍ୟକାନ୍ତ ରାଉତଙ୍କ ସମେତ ସ୍ମିତା ମହାପାତ୍ର ଉପସ୍ଥିତ ରହି ସମସ୍ତ ରୋଗୀଙ୍କୁ ଔଷଧ ପ୍ରଦାନ କରିଥିଲେ।

### ଲୁଟେରା ଗିରଫ, ମୋବାଇଲ ଜବତ

ବ୍ରହ୍ମପୁର ଅଫିସ,୯।୨-ସରକାରୀ ରେଳବାଇ ପୋଲିସ (ଜିଆରପି) ଜଣେ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବାଣପୁର ତଳସାହିର ମହେଶ୍ୱର ମିଶ୍ର (୨୨)। ଜଣେ ଦିବ୍ୟାଙ୍ଗ ଟ୍ରେନ ଯାତ୍ରୀଙ୍କଠାରୁ ଲୁଟି ନେଇଥିବା ଏକ ମୋବାଇଲ ଫୋନ ପୋଲିସ ଲୁଟେରାଙ୍କଠାରୁ ଜବତ କରିଛି। ମାମଲା ନମ୍ବର ୨୨/୨୦ରେ ଅଭିଯୁକ୍ତ ମହେଶ୍ୱରଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗକାରୀଙ୍କୁ ମୋବାଇଲଟି ହସ୍ତାନ୍ତର କରାଯାଇଥିବା ନେଇ ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ଭୁବନେଶ୍ୱରରେ ଦିବ୍ୟାଙ୍ଗମାନଙ୍କର କ୍ରିକେଟ ମ୍ୟାଚର ଚୟନ ପ୍ରକ୍ରିୟାରେ ଯୋଗଦେବାକୁ ଆସିକା ଥାନା ଅନ୍ତର୍ଗତ ଭେଟନଇର ପ୍ରତାପ ଚନ୍ଦ୍ର ଗୌଡ଼ ଶନିବାର ରାତ୍ର ବ୍ରହ୍ମପୁର ଆସିଥିଲେ। ସେ ଶନିବାର ରାତି ପ୍ରାୟ ୧୦ ଟା ବେଳେ ରେଳଷ୍ଟେଶନର ୨ୟ ଶ୍ରେଣୀ ପ୍ରତିକ୍ଷାଳୟରେ ରହି ଭୁବନେଶ୍ୱର ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିଲେ। ହଠାତ ଜଣେ ଯୁବକ ସେଠାରେ ପହଞ୍ଚି ପ୍ରତାପଙ୍କ ହାତରୁ ମୋବାଇଲ ଫୋନଟି ଝାମ୍ପି ଦୌଡି ପଳାଇଥିଲେ।

# ବକେୟା ପଡ଼ିଛି ୩ କୋଟି ୫୦ ଲକ୍ଷ

ଜୟପୁର,୯।୨(ନି.ପ୍ର./ଡି.ଏନ୍.ଏ.)

- ଜୟପୁର ପୌରପରିଷଦ ଷ୍ଟଲ ଭଡ଼ା
- ହାଇକୋର୍ଟରେ ଜନସ୍ୱାର୍ଥ ମାମଲା
- ପୌର ନିର୍ବାହୀ ଅଧିକାରୀଙ୍କୁ ନୋଟିସ

ଜୟପୁର ପୌରପରିଷଦର ଷ୍ଟଲ ଭଡ଼ା ନେଇଥିବା ବ୍ୟବସାୟୀ ବର୍ଷ ବର୍ଷ ଧରି ଭଡ଼ା ଦେଉନାହାନ୍ତି। ଫଳରେ ଏହି ଭଡ଼ା ବାବଦରେ ୩ କୋଟି ୫୦ ଲକ୍ଷ ଟଙ୍କାର ବକେୟା ପଡ଼ିଛି। ଯୁବ ସଂଗଠନ ଆବାହକ ରବୀନ୍ଦ୍ର ମହାପାତ୍ର ଏନେଇ ରବିବାର ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସୂଚନା ଆଇନ ବଳରେ ସମସ୍ତ ତଥ୍ୟ ପୌର ପରିଷଦଠାରୁ ଆଣିବା ପରେ ସେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ମାମଲା ରୁଜୁ ହେବା ପରେ ହାଇକୋର୍ଟ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନୋଟିସ ମିଳିଥିଲା। ଫଳରେ ବକେୟା ଟଙ୍କାରୁ ୬୫ ଲକ୍ଷ ଆଦାୟ ହୋଇଥିବା ପୌର ପରିଷଦ ଅଦାଲତଙ୍କୁ ଜଣାଇଛି।

ଖବରଦାତାରେ ସୂଚନା ଅନୁଯାୟୀ, ଜୟପୁର ପୌରପରିଷଦ ଅଧୀନରେ ୮ଶହରୁ ଅଧିକ ନିଜସ୍ୱ ଦୋକାନ ଘର ରହିଛି। ଅଧିକାଂଶ ଦୋକାନ ଗୃହ ନେତାଙ୍କ ଚାପରେ ସେମାନଙ୍କ କର୍ମୀ ଓ ଅନେକ ବଡ଼ ଶିଳ୍ପପତିଙ୍କୁ ଦିଆଯାଇଛି। କିନ୍ତୁ ସେମାନେ ଷ୍ଟଲ୍ ପାଇବା ପରେ ନିଜେ ତାହାକୁ କାମରେ ନ ଲଗାଇ ଅନ୍ୟମାନଙ୍କୁ ଭଡ଼ାରେ ଦେଇଛନ୍ତି। ସେମାନେ ହଜାର ହଜାର ଟଙ୍କା ଆଦାୟ କରୁଛନ୍ତି; କିନ୍ତୁ ପୌର ପରିଷଦକୁ ଦୀର୍ଘଦିନ ହେଲା ଭଡ଼ା ନ ଦେଇ ପରିଷଦର ଲକ୍ଷ ଲକ୍ଷ ଟଙ୍କା ବକେୟା ରଖିଛନ୍ତି। ପୌରପରିଷଦ ନିୟମ ଅନୁଯାୟୀ ଚୁକ୍ତିନାମା ମାନିବାକୁ ଷ୍ଟଲ ମାଲିକ ବାଧ ଯାହା ସେମାନେ ଉଲ୍ଲଂଘନ କରିଚାଲିଛନ୍ତି। ଚୁକ୍ତିନାମା ଅନୁଯାୟୀ ଷ୍ଟଲ ବାବଦକୁ ୨ରୁ ୩ ମାସ ଭଡ଼ା ପ୍ରଦାନ ନ କଲେ ଉକ୍ତ ଚୁକ୍ତିନାମାକୁ ଖାରଜ କରାଯାଇ ଷ୍ଟଲକୁ ପୌରସଂସ୍ଥା ପକ୍ଷରୁ ଅକ୍ତିଆର କରିବା କଥା। କିନ୍ତୁ ପରିଷଦର ୮ ଶହ ଷ୍ଟଲରୁ ୬ଶହରୁ ଅଧିକ ଷ୍ଟଲ ବର୍ଷ ବର୍ଷ ଧରି ପୌର ପରିଷଦର ଭଡ଼ା ଦେଉନାହାନ୍ତି। ସେମାନଙ୍କ ଷ୍ଟଲକୁ ବାତିଲ ମଧ୍ୟ କରାଯାଉ ନାହିଁ। ପୌର ପରିଷଦ ଖାଲି ପଡ଼ିଥିବା ଏବଂ ଭଡ଼ା ମିଳୁ ନ ଥିବା ଷ୍ଟଲକୁ ବାତିଲ କରି ସ୍ଥାନୀୟ ଗରିବ, ବେକାରଙ୍କୁ ତାହା ଦେବା ପାଇଁ ଦାବି ହୋଇଛି। ନଚେତ ଶହ ଶହ ବେକାର ଯୁବକ ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରିବେ। ଆବଶ୍ୟକ ସ୍ଥଳେ ଧାରଣା ମଧ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।



ଜୟପୁରସ୍ଥିତ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ।

## ମାଘ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କ ଗଜ ଉଦ୍ଧାରଣ ବେଶ

ଜୟପୁର,୯।୨(ନି.ପ୍ର.)

ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କୁ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଛି। ମାଘ ପୂର୍ଣ୍ଣିମା ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଆଳତି, ଭୋଗ ଲାଗି କରାଯାଇଥିଲା। ସେହିପରି ଉତ୍ତରମୁଖୀ ବଲ୍ଲଭ ନାରାୟଣ ମନ୍ଦିରରେ ମଧ୍ୟ ନାରାୟଣଙ୍କୁ ସ୍ୱତନ୍ତ୍ର ବେଶରେ ସଜାଯାଇଥିଲା। ମାଘ ପୂର୍ଣ୍ଣିମାରେ ଶ୍ରୀଜୀଉଙ୍କୁ ଗଜୋଦ୍ଧାରଣ ବେଶ ଦର୍ଶନ କଲେ ବହୁ ପୁଣ୍ୟ ମିଳିଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ମୁଖ୍ୟ ପୂଜକ ଡମ୍ବରୁଧର ପଣ୍ଡା ଓ ସେବାୟତ ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି ତୁଲାଇଥିଲେ।

## ରାଜ୍ୟସ୍ତରୀୟ ଅଙ୍ଗନୱାଡ଼ି କାର୍ଯ୍ୟକର୍ତ୍ତା ସମ୍ମିଳନୀ



ରାଜ୍ୟସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମକର୍ତ୍ତା।

ସେମିଳିଗୁଡ଼ା,୯।୨(ସ୍ୱ.ପ୍ର.)

ସେମିଳିଗୁଡ଼ାରେ ରାଜ୍ୟସ୍ତରୀୟ ମହିଳା ଅଙ୍ଗନୱାଡ଼ି କର୍ମକର୍ତ୍ତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଏମ୍ଏସ୍ କାର୍ଯ୍ୟକର୍ତ୍ତା ସୁଧାଂଶୁ ପାଢ଼ୀ ଯୋଗଦେଇ ସୁଷମ ଖାଦ୍ୟର ଦରଦାମ ବୃଦ୍ଧି, ସରକାର ଦେଉଥିବା ଦର ଅନୁସାରେ ବଜାର ଦର ବୃଦ୍ଧି ଓ ଏହାର ସମାଧାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସମସ୍ୟା ଜଣାଇବା ପାଇଁ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ୧୫ଶହ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ ମଧ ତାହା ଏଯାବତ୍ କାର୍ଯ୍ୟକାରୀ କରାଯାଉ ନ ଥିବା ହେତୁ ଛୋଟ କର୍ମଚାରୀ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଆଲୋଚନା ହୋଇଥିଲା। ଜିଲା ଦାୟିତ୍ୱରେ ଥିବା ଚେୟାରମ୍ୟାନ ଏବଂ ଡିଏସ୍ଡବ୍ଲୁଓଙ୍କୁ ଏନେଇ ଅବଗତ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କୁ ନିୟମିତ ଏସ୍ଏମ୍ପି ମିଳୁ ନ ଥିବାବେଳେ ସରକାରୀ କର୍ମଚାରୀ ତଥା ସୁପରଭାଇଜର, ସିଡିପିଓ ଦରଦାମ ବୃଦ୍ଧି କଥା ନ ବୁଝି କର୍ମଚାରୀଙ୍କ ଉପରେ ବର୍ଷିବା, ସ୍ପଷ୍ଟୀକରଣ ନୋଟିସ ଓ ଏସ୍ଏମ୍ପି ବନ୍ଦ କରିବା ପାଇଁ ନିର୍ଦ୍ଦେଶ ହୋଇଛି। ଏନେଇ ଅଙ୍ଗନୱାଡ଼ି କର୍ମୀ ଅସୁବିଧା ଭୋଗୁଥିବା ଆଲୋଚନା କରାଯାଇଥିଲା। କୋରାପୁଟ ଜିଲାର ୩ଟି ପୌରପରିଷଦ, ଗୋଟିଏ ଏନଏସି, ୧୪ଟି ବ୍ଲକର ସଭାପତି, ସମ୍ପାଦକ, ସମସ୍ତ ଅଙ୍ଗନୱାଡ଼ି କର୍ମୀ ବୈଠକରେ ଏକାଠି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ସଂଯୁକ୍ତା ସାହୁ, ସମ୍ପାଦକ ଲକ୍ଷ୍ମୀ ହୋତା, ସଂଗଠନ ସମ୍ପାଦକ ବିଏମ୍ଏସ୍ କୋରାପୁଟ ଆଲୋକ କୁମାର ରାୟ, ଜିଲା ସମ୍ପାଦକ ବିଏମ୍ଏସ୍ କୋରାପୁଟ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଛତିଶଗଡ଼ରେ ଟି-୨୦ ଓରିଅନ ବିଜୟୀ

ଜୟପୁର,୯।୨(ଡି.ଏନ୍.ଏ.)

ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୁକ୍‌ମା ଜିଲା ସଦର ମହକୁମାଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ କୋରାପୁଟ ଜିଲା ଜୟପୁର ଓରିଓନ କ୍ଲବ ନାଗପୁରସ୍ଥିତ ଶକ୍ତିଶାଳୀ ବିଦର୍ଭ ଦଳକୁ ପରାସ୍ତ କରିଛି। ଏହା ସହିତ ଏହି ଦଳ ସେମିଫାଇନାଲରେ ପ୍ରବେଶ କରିଛି ରବିବାର ଅନୁଷ୍ଠିତ ବି-ଗ୍ରୁପର ଏକ ଲିଗ୍ ମ୍ୟାଚରେ ଜୟପୁର ଦଳ ଟସ୍‌ରେ ବିଜୟୀ ହୋଇ ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୧୭୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମିତ ରାଉତ ୪୫ଟି ବଲରେ ୮୧ ରନ୍ ହାସଲ କରିଥିଲେ। ବିଜୟ ଲକ୍ଷ୍ୟ ନେଇ ନାଗପୁର ଦଳ ୨୦ ଓଭରରେ କେବଳ ୧୩୧ ରନ ସଂଗ୍ରହ କରିପାରିବା ସହିତ ପରାସ୍ତ ହୋଇଥିଲା। ଅମିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନା ରାଜ୍ୟର ୨୪ଟି କ୍ରିକେଟ ଦଳ ଯୋଗ ଦେଇଥିବା ବେଳେ ଚାମ୍ପିୟନ ଦଳକୁ ଟ୍ରଫି ସହ ଦେଢ଼ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ରଖାଯାଇଛି।

## ଯୋଗାଣ ବିଭାଗର ଚଢ଼ାଉ, ୧୪ ସିଲିଣ୍ଡର ଜବତ

ଭଞ୍ଜନଗର,୯।୨(ଡି.ଏନ.ଏ)

ଭଞ୍ଜନଗର ଉପଖଣ୍ଡ ଯୋଗାଣ ବିଭାଗ ପକ୍ଷରୁ ରବିବାର ସକାଳେ ସହରର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇ ବେନିୟମ ଭାବେ ବ୍ୟବହାର ହେଉଥିବା ୧୪ଟି ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବସ୍‌ଷ୍ଟାଣ୍ଡ ଓ ଏହା ନିକଟରେ ଥିବା ୪ ହୋଟେଲରେ ଚଢ଼ାଉ କରାଯାଇ ଉକ୍ତ ସିଲିଣ୍ଡର ଜବତ କରାଯାଇଛି। ଚଢ଼ାଉର ନେତୃତ୍ୱ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରା ନେଇଥିଲେ। ତାଙ୍କୁ ଭଞ୍ଜନଗର ଏମ୍ଆଇ ସନ୍ତୋଷ କୁମାର ଦାସ, ଆସିକା ଏମ୍ଆଇ ଜୟରାମ ଲେଙ୍କା, ଏମ୍ଆଇ ସୋରଡ଼ା ରସାନନ୍ଦ ସାହୁ, ସୁରେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଯେ, ସହରରେ ବେନିୟମ ଭାବେ ସବ୍‌ସିଡ଼ି ରନ୍ଧନ ଗ୍ୟାସ୍ ସିଲିଣ୍ଡର ବିଭିନ୍ନ ହୋଟେଲରେ ବ୍ୟବହାର ହେଉଛି। ଏନେଇ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା।

## ଜଗନ୍ନାଥ ସାଗରରେ ଛଡ଼ାଗଲା ୪ ରାଜହଂସ



ଜଗନ୍ନାଥ ସାଗରରେ ରଙ୍ଗମାଟି ଅନୁଷ୍ଠାନ କର୍ମକର୍ତ୍ତା।

ଜୟପୁର,୯।୨(ନି.ପ୍ର.)

ଜୟପୁରସ୍ଥିତ ଐତିହାସିକ ଜଗନ୍ନାଥ ସାଗରରେ ରଙ୍ଗମାଟି ଅନୁଷ୍ଠାନ ପକ୍ଷରୁ ୪ଟି ରାଜହଂସ ଛଡ଼ାଯାଇଛି। ଏହା ସାଗରର ଶୋଭା ବଢ଼ାଇବା ସହ ଆବର୍ଜନା ଓ ଦଳ ସଫା କରିବାରେ ସହାୟକ ହେବ। ହଂସଙ୍କ ଖାଦ୍ୟ ଦଳ ଓ ପତ୍ର। ସାଗରରେ ଭର୍ତ୍ତି ହୋଇଥିବା ଦଳ, ପତ୍ର ସଫା କରିବାରେ କିଛି ପରିମାଣରେ ସହାୟକ ହୋଇପାରିବ ବୋଲି ଅନୁଷ୍ଠାନର ସମ୍ପାଦକ ତୁଳସୀ ବେହେରା ଆଶାବ୍ୟକ୍ତ କରିଛନ୍ତି। ଏହା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ବିଷ୍ଣୁ ପ୍ରସାଦ ପାତ୍ର, ସଞ୍ଜୁରାଣୀ ମହାପାତ୍ର, ସୁନାକର ମହାନ୍ତି, ଚନ୍ଦ୍ରମଣି ବାରିକ, ପ୍ରକାଶ ଦାଶ, ପ୍ରମୋଦ ପଟ୍ଟନାୟକ, ମନୋଜ ଦାଶ, ପଦ୍ମନାଭ ହୋତା, ତରୁଣ ମହାପାତ୍ର, ଟି. ଗୌରୀ, ସଞ୍ଜୀବ ଦଳେଇ ଉପସ୍ଥିତ ଥିଲେ।

## ଶିଶୁଙ୍କ ବିକାଶରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଦାମନଯୋଡ଼ି,୯।୨(ଡ଼ି.ଏନ.ଏ)

ଦାମନଯୋଡ଼ି ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ବିଭାଗର ଏକ ପିତୃମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ଼. ଶୁଭ୍ରାଂଶୁଶେଖର ବାହିନୀପତି ଅଧ୍ୟକ୍ଷତା କରି ଶିଶୁମାନଙ୍କ ବିକାଶରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୨ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ। ଆଚାର୍ଯ୍ୟା ଅନୁଜା ସରକାର ସ୍ୱାଗତ କରିବା ସହ ଶିଶୁ ବାଟିକାର ପ୍ରମୁଖ ପୂର୍ଣ୍ଣବାସୀ ଷଡଙ୍ଗୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାଞ୍ଚନାବାଳା ପଟ୍ଟନାୟକ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଥମିକ ବିଦ୍ୟାଳୟ ଇନ୍‌ଚାର୍ଜ ସୁନନ୍ଦା ଦେବୀ, ନୃସିଂହଚରଣ ପଟ୍ଟନାୟକ, ସୁଷମା ମହାନ୍ତି, ଶାନ୍ତିବାଳା ରଥ, କଳ୍ପନା ମିଶ୍ର, ପ୍ରତୀକ୍ଷା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଆଚାର୍ଯ୍ୟା ଶାନ୍ତିଲତା ମହାରଣା ଧନ୍ୟବାଦ ଦେଇଥିଲେ।

## ବର୍ଷାକୁ ଥରେଇଲା କୋହଲା ପାଗ

### କୁହୁଡ଼ି ପାଇଁ ୭ ଘଣ୍ଟା ଡେରିରେ ପହଞ୍ଚିଲା ଟ୍ରେନ୍

ଜୟପୁର,୯।୨(ନି.ପ୍ର.)

ଘୂର୍ଣ୍ଣବଳୟ ପ୍ରଭାବରୁ ଜୟପୁରରେ ଅଦିନିଆ ବର୍ଷା। ଶନିବାର ବିଳମ୍ବିତ ରାତିରୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ରବିବାର ଅପରାହ୍ନ ୧୧ଟା ଯାଏ ବର୍ଷା ଜାରି ରହିଥିଲା। ବର୍ଷା ସହ ଶୀତୁଆ ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରି ରଖିଥିଲା। ଜିଲାରେ ପ୍ରବଳ ଥଣ୍ଡା ଜାରି ରହିଥିବା ବେଳେ ମେଘୁଆ ପାଗ କୁହୁଡ଼ିରେ ଢାଙ୍କି ଦେଇଥିଲା। ଫଳରେ ବିଶାଖାପାଟଣା-କିରଣ୍ଡୁଲ ଏକ୍ସପ୍ରେସ୍ ୭ ଘଣ୍ଟା ବିଳମ୍ବରେ ଜୟପୁରରେ ପହଞ୍ଚିଥିଲା। ଟ୍ରେନ୍‌ଟି ରବିବାର ଭୋର ୪ଟାରେ ଜୟପୁର ଷ୍ଟେସନରେ ପହଞ୍ଚିବାକୁ ଥିବାବେଳେ ଦିନ ୧୧ଟାରେ ପହଞ୍ଚି ସେଠାରୁ ଗନ୍ତବ୍ୟସ୍ଥଳକୁ ଯାଇଥିଲା। ଦିନ ସାରା ୩୦ରୁ ୪୦ କିଲୋମିଟର ବେଗରେ ପବନ ବହୁଥିବା ବେଳେ ଶୀତର ପ୍ରକୋପ ମଧ୍ୟ ବଢ଼ିଥିଲା। ବର୍ଷା ଯୋଗୁ ପନିପରିବା ସହ ଡାଲି ଓ ତୈଳବୀଜ ଫସଲ ପ୍ରଭାବିତ ହୋଇଛି। ବିଶେଷ କରି ଟମାଟୋ, ବିନସ ଫସଲ ଅଧିକ ପ୍ରଭାବିତ ହୋଇଛି। ବର୍ଷା ପରେ ଟମାଟୋ ଅମଳ ହେବ କି ନାହିଁ, ସେନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। ଫେବୃଆରୀ ମାସରେ ଏଭଳି ବର୍ଷା କେବେ ହୋଇ ନ ଥିବାବେଳେ ଫୁଲ କୋବି ମଧ ନଷ୍ଟ ହେବାକୁ ବସିଲାଣି।

## ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ରକ୍ତଦାନ ଶିବିର

ଦାମନଯୋଡ଼ି,୯।୨(ଡି.ଏନ୍.ଏ.)



ଅତିଥିମାନେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଦାମନଯୋଡ଼ିର ଡ. ଆମ୍ବେଦକର ଷ୍ଟାଡିୟମ୍‌ରେ ଚାଲିଥିବା ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ତୃତୀୟ ଦିବସରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୩୧୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ନିଗମାନନ୍ଦଙ୍କ ଭକ୍ତଙ୍କ ମଧ୍ୟରେ ରକ୍ତଦାନ ପାଇଁ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା। ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପୁରୀ ନୀଳାଚଳ ସାରସ୍ୱତ ସଂଘର ସଭାପତି ସଂଗ୍ରାମ କେଶରୀ ସିହ୍ନା, ପରିଚାଳକ ଶରତ ଚନ୍ଦ୍ର ସିଂଦେଓଙ୍କ ସହ ଦାମନଯୋଡ଼ି ଶାଖା ସଭାପତି ନଳିନୀବିହାରୀ ତ୍ରିପାଠୀ, ସମ୍ପାଦକ ଦଣ୍ଡହରି ମିଶ୍ର ଉପସ୍ଥିତ ଥିଲେ। ଯୁଗଳ ଅଗ୍ରୱାଲ ଶିବିର ପରିଚାଳନା କରିଥିଲେ। ଆର୍.କେ. ରଥ ୧୩୦ ଥର ରକ୍ତଦାନ କରି ରେକର୍ଡ କରିଛନ୍ତି। କୋରାପୁଟ ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ରତିକାନ୍ତ ଖଟୁଆଙ୍କ ସହ କର୍ମଚାରୀ ଭି. ଗଙ୍ଗାଧର, ରଞ୍ଜିତ ସାହୁ, ବିଷୋସିନୀ ନାୟକ, ରୀନା, ସଞ୍ଜୟ ଓ ରବୀନ୍ଦ୍ର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଉକ୍ତ ସମ୍ମିଳନୀର ତୃତୀୟ ଦିବସରେ ରୀତିନୀତି ଅନୁଯାୟୀ ପୂଜାପାଠ ଓ ଜୟଗୁରୁ ପ୍ରାର୍ଥନା ହୋଇଥିଲା। ଆଦର୍ଶ ଗୃହସ୍ଥ ଜୀବନ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ସନ୍ଧ୍ୟାରେ ଆରତୀ ସମୟରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଜଗନ୍ନାଥପୁରଶାସନରେ ମନ୍ଦିର ପ୍ରତିଷ୍ଠା

ଭଞ୍ଜନଗର,୯।୨ (ଡି.ଏନ.ଏ)–

ଜଗନ୍ନାଥପ୍ରସାଦ ନିକଟବର୍ତ୍ତୀ ଜଗନ୍ନାଥପୁରଶାସନ ଗ୍ରାମଦେବୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୪ ତାରିଖରୁ ଆରମ୍ଭ ହୋଇ ୭ରେ ପୂର୍ଣ୍ଣାହୁତି ହୋଇଛି। ପ୍ରତିଷ୍ଠା ଦିବସ ଗୁଡ଼ିକରେ ପଣ୍ଡିତ ଦିଗାମ୍ବର ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ତ୍ତା ଭାବେ ସରୋଜ କୁମାର ତ୍ରିପାଠୀ ଓ ସସ୍ମିତା ଦେବୀ, ପୁରୀ ରାଜଗୁରୁ ସୁଧାଂଶୁ ଶେଖର, ପୁରୀ ମଠ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ରଥ ଏବଂ ସହଯୋଗୀ ଭାବେ ଡ. ରାଜେନ୍ଦ୍ର କୁମାର ତ୍ରିପାଠୀ, ପ୍ରତାପ କୁମାର ଦାସ, କ୍ଷୀରୋଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନରେ ସହଯୋଗ କରିଥିଲେ। ରତ୍ନମୁଦ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. କମ୍ବୁପାଣି ସାମନ୍ତ, ଅବସରପ୍ରାପ୍ତ ଏସିଏଫ୍ ଗୋକୁଳାନନ୍ଦ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ।

## ନୂଆ ରାସ୍ତା ନ ହେଲେ ଆନ୍ଦୋଳନ

ବୈପାରୀଗୁଡ଼ା,୯।୨(ଡି.ଏନ୍.ଏ.)



ଶୋଚନୀୟ ହୋଇପଡ଼ିଥିବା ରାସ୍ତା।

ବୈପାରୀଗୁଡ଼ା ବ୍ଲକ ରାମଗିରି ପଞ୍ଚାୟତ ଅନ୍ତର୍ଗତ ଭାଲୁଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। କିନ୍ତୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ରାମଗିରି ହାଟପଦାରୁ ଭାଲୁଗୁଡ଼ା ପର୍ଯ୍ୟନ୍ତ ପ୍ରାୟ ଅଢ଼େଇ କିଲୋମିଟର ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି। ୨ ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ମରାମତି କାମ ଅତି ନିମ୍ନମାନର ହେବା କାରଣରୁ ବର୍ଷା ପରେ ସେସବୁ ଧୋଇଯାଇଛି। ଗ୍ରାମବାସୀ ପଞ୍ଚାୟତ ତଥା ବ୍ଲକ ପ୍ରଶାସନ ନିକଟରେ ଗୁହାରି କରି ନିରାଶ ହେବା ପରେ ଦୁଇ ଥର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଜିଲାପାଳ ମଧ ନିରବଦ୍ରଷ୍ଟା ସାଜିବା ଗାଁଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ସଂଯୋଗ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ନୂଆ ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି। ନଚେତ୍ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ ନିର୍ମାଣ ଦାବି

ଟିକିରି, ୯।୨(ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଦାବି ହୋଇଛି। ଟିକିରିରେ ରେଳଷ୍ଟେଶନ ଓ ଉତ୍କଳ ଆଲୁମିନା କମ୍ପାନୀ ଥିବାରୁ ଏଠାକୁ ଦୈନିକ ଶତାଧିକ ଲୋକ ଆସୁଛନ୍ତି, କିନ୍ତୁ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନ ଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ପ୍ରତି ଶୁକ୍ରବାର ଏଠାରେ ସାପ୍ତାହିକ ହାଟ ବସୁଛି। ଉକ୍ତ ଦିନ ସେଠାରେ ଅନେକ ବ୍ୟବସାୟୀ ଓ ଗ୍ରାହକଙ୍କ ଭିଡ଼ ଜମେ। ଶୌଚାଳୟ ଏବଂ ବିଶ୍ରାମାଗାର ନ ଥିବାରୁ ସେମାନେ ମଧ ନାନା ଅସୁବିଧା ଭୋଗନ୍ତି। ବିଶେଷକରି ବୃଦ୍ଧା, ବୃଦ୍ଧ, ଛୋଟ ଶିଶୁ ଓ ମହିଳାଙ୍କୁ ଏହି ଅସୁବିଧା ହୁଏ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ



ବିଷମକଟକ,୯।୨(ଡ଼ି.ଏନ.ଏ): ସ୍ଥାନୀୟ ରାଧାକାନ୍ତ ମନ୍ଦିର ଯଜ୍ଞ ମଣ୍ଡପରେ ଦୁଇଦିନ ଧରି ଚାଲିଥିବା ପଞ୍ଚକୁଣ୍ଡୀୟ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଦ୍ୱିତୀୟ ଦିବସରରେ ପୂର୍ବାହ୍ନ ୯ଟାରୁ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପରେ ଯଜ୍ଞସ୍ଥଳରେ ୫ଟି ଯଜ୍ଞ କୁଣ୍ଡରେ ହୋମ କାର୍ଯ୍ୟ କରାଯାଇଥିଲା । ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି ହୋଇଥିଲା । ଏଥିରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

### ଆତ୍ମସୁରକ୍ଷା ତାଲିମ ଶିବିର

ବିଷମକଟକ,୯।୨(ଡ଼ି.ଏନ.ଏ)- ରାୟଗଡା ଜିଲା ମା' ମାର୍କମା ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୮୦ ଜଣ ଛାତ୍ରୀ ତାଲିମ ନେଉଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ ପଟ୍ଟନାୟକ,ଅଧ୍ୟାପକ ବିନୋଦ କୁମାର ପାତ୍ର, ପ୍ରଦୀପ କୁମାର ଭଞ୍ଜ ଉପସ୍ଥିତ ଥିଲେ । କ୍ରୀଡା ଶିକ୍ଷକ ରବୀନ୍ଦ୍ର ନାରାୟଣ ଛନ୍ଦ ଶିବିରକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ ।

# ଅଦିନିଆ ବର୍ଷା, ଭିଜିଲା ଧାନ



ଖିଲାମୁଣ୍ଡା ମଣ୍ଡିରେ ଧାନକୁ ପାଲ ଘୋଡାଇ ରଖାଯାଇଛି।



ରାମନାଗୁଡାରେ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

ଗୁଣପୁର,୯।୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଏବଂ ଏହାର ଆଖପାଖ ବ୍ଲକଗୁଡିକରେ ଅଦିନିଆ ବର୍ଷା ହୋଇଛି । ଫଳରେ ଚାଷୀମାନେ ମଣ୍ଡିରେ ରଖିଥିବା ଧାନ ଭିଜିଯାଇଛି । ବର୍ତ୍ତମାନ ଉକ୍ତ ଧାନଗୁଡ଼ିକରେ ଗଜା ହେବା ଆଶଙ୍କା ରହିଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ଚାଷୀ ଧାନ ଆଣି ମଣ୍ଡିରେ ରଖିଥିବାବେଳେ ସେଗୁଡିକ ଉଠାଣ ହୋଇପାରିନାହିଁ । ଯାହା ଅଦିନିଆ ବର୍ଷରେ ଓଦା ହୋଇଯାଇଛି । ପଦ୍ମପୁରର ଖିଲାମୁଣ୍ଡା ଧାନ ମଣ୍ଡି ସହ ଗୁଡାରୀ ଏବଂ ରାମନାଗୁଡା ଅଞ୍ଚଳରେ ମଧ୍ୟ ଏକା ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଖିଲାମୁଣ୍ଡା ଧାନ ମଣ୍ଡିରେ ଏକ ସପ୍ତାହ ହେବ ୧୦ ହଜାରରୁ ଊର୍ଦ୍ଧ୍ୱ ଧାନବସ୍ତା ମଣ୍ଡିରେ ପଡି ରହିଛି । ଏପରିସ୍ଥିତିରେ ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ୧୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଅନ୍‌ଲାଇନ ଟୋକେନ କଟିଛି । ସେପରି ଶତାଧିକ ଚାଷୀ ଅନ୍‌ଲାଇନରେ ଆବେଦନ କରିଛନ୍ତି । ବର୍ଷା ଏବଂ କୋହାଲା ପାଗ ଯୋଗୁ ଧାନକୁ ଚାଷୀମାନେ ଘୋଡାଇ ରଖିଥିଲେ ମଧ୍ୟ ଅନେକ ବସ୍ତା ଭିଜିଥିବା ଅଭିଯୋଗ ହୋଇଛି । ତୁରନ୍ତ ପ୍ରଶାସନ ଧାନଗୁଡିକ ଉଠାଇବା ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି । ଅନ୍ୟପକ୍ଷରେ ରାମନଗୁଡ଼ା ବ୍ଲକ ଚାକୁଣ୍ଡା ଧାନ ମଣ୍ଡି ରେ ୪୦୦୦ ଧାନ ବସ୍ତା ପଡି ରହିଛି । ତୁରନ୍ତ ଧାନ ଉଠାଇବାକୁ ଦାବି କରି ଚାଷୀମାନେ ଏକ ଦାବିପତ୍ର ତହସିଲଦାରଙ୍କ ଉଦ୍ଦେଶ୍ୟରେ । ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି ।

# ଯୁବକଙ୍କୁ ଆକ୍ରମଣ, ୭ ଗିରଫ

ରାୟଗଡ଼ା ଅଫିସ , ୯।୨

ରାୟଗଡ଼ା ରଇତ କଲୋନୀରେ ରହୁଥିବା ଜଣେ ଯୁବକଙ୍କୁ ଘରୁ ଉଠାଇ ନେଇ ଆକ୍ରମଣ କରାଯାଇଛି । ଯୁବକ ଜଣକ ହେଲେ ବିଶାଳ ପ୍ରଧାନ । ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଏହି ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ବିଶାଳ ପ୍ରଧାନ, କିଶାନ ଖୋସଲା, ପ୍ରସାନ୍ତ ସୁନା, ସନ୍ଦିପ କୁମାର ପ୍ରଧାନ ,ଗୌରବ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ, ଆଶିଷ କୁମାର ପ୍ରଧାନ । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ ହୋଇଥିବା ଜଣାଯାଇଛି ।

ଗତ ୫ ତାରିଖରେ କୌଣସି କାରଣକୁ ନେଇ ବିଶାଳଙ୍କ ସହ ରଇତ କଲୋନୀର କେତେକ ଯୁବକଙ୍କ ସହ ଝଗଡ଼ା ହୋଇଥିଲା । ପରେ ଉଭୟଙ୍କ ମଧ୍ୟରେ ସମାଧାନ ମଧ୍ୟ ହୋଇଥିଲା। କିନ୍ତୁ ରବିବାର ସକାଳେ ବିଶାଳ ଘର ବାହାରକୁ ଆସିଥିବା ବେଳେ ଚାରିଜଣ ଯୁବକ ତାଙ୍କୁ ଜବରଦସ୍ତି ନିକଟସ୍ଥ ଏକ ଆପାର୍ଟମେଣ୍ଟକୁ ଉଠାଇ ନେଇଥିଲେ । ସେଠାରେ ଏକ କୋଠରି ଭିତରେ ବନ୍ଦ କରି ଲୁହାଛଡ଼ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିସହ ତାଙ୍କ ବାଇକକୁ ଟାଙ୍ଗିଆରେ ହାଣି ପକାଇଥିଲେ। ପୋଲିସ ବିଶାଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ପରେ ବିଶାଳ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୨ଟି ଅଲଗା ଅଲଗା ମାମଲା ରୁଜୁ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ୭ ଜଣଙ୍କୁ ପୋଲିସ ଗିରଫ କରିଛି ।

# ସାଇବର ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଗୁଣପୁର,୯।୨(ଡି.ଏନ.ଏ)

ରାୟଗଡା ଜିଲା ରାମନାଗୁଡା ବ୍ଲକ ପେଣକାମର ରାଜୀବଗାନ୍ଧୀ ସେବାକେନ୍ଦ୍ର ଠାରେ ରବିବାର ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ସାଇବର ଲ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏହାର ଅଧ୍ୟକ୍ଷ ତଥା ଏଡିଜେ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ସବଜଜ୍ ସଙ୍ଗୀତା କୁମାରୀ ମଲିକ, ଏସଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ଦିପଙ୍କର ବଳ, ଆଇନଜୀବୀ ରମେଶ ଲିମା ପ୍ରମୁଖ ଯୋଗଦେଇ ସୋସିଆଲ ମଡିଆରେ ହେଉଥିବା ଠକେଇ, ଏ ଦିଗରେ ରହିଥିବା ଆଇନ, ସୋସିଆଲ ମିଡିଆର ହେଉଥିବା ବିଭିନ୍ନ କ୍ରାଇମ ଏବଂ ଏହାଠାରୁ କିପରି ନିଜକୁ ଦୂରେଇ ରଖିବା ଆଦି ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବୀନ ପିପଳି, ପୋଲିସ ଏସଆଇ କ୍ରିସ ସାମୁରିଆ, ପେଣକାମ ସରପଞ୍ଚ ସମ୍ବରା ଶବର ପ୍ରମୁଖ ମଞ୍ଚାସୀନ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୀବନ ଜେନା, କୋର୍ଟର କର୍ମଚାରୀ ଏ. ଦୁର୍ଗା ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ନୀଳକଣ୍ଠେଶ୍ୱରଙ୍କ ଗଦଗଦା ଯାତ୍ରା

ଗୁଣପୁର,୯।୨(ଡି.ଏନ.ଏ)

ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ନିଳକଣ୍ଠେଶ୍ୱରଙ୍କ ଗଦଗଦା ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି । ବର୍ଷା ସତ୍ତ୍ୱେ ଏହି ଯାତ୍ରାରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ରାୟଗଡା ଜିଲା ଗୁଣପୁରଠାରୁ ୨୨ କିମି ଦୂର ତଥା ରମନାଗୁଡା ବ୍ଲକ ପେଣକାମ ପଞ୍ଚାୟତ ଅଧୀନ ତାମିଙ୍ଗ ଗ୍ରାମ ନିକଟରେ ଏହା ଆୟୋଜିତ ହୋଇଛି । ଏହି ଯାତ୍ରା ବର୍ଷକୁ ଥରେ ହୋଇଥାଏ । ସେହି ଗୋଟିଏ ଦିନ ଠାକୁର ନିଳକଣ୍ଠେଶ୍ୱର ଶିବ ପୂଜା ପାଆନ୍ତି। ବଣ ଜଙ୍ଗଲ ଘେରା ପଥର ଖୋଲ ମଧ୍ୟରେ ପ୍ରବାହିତ ଝରଣା ପାଣିରେ ଭଗବାନ ନିଳକଣ୍ଠେଶ୍ୱରଙ୍କ ଆସ୍ଥାନ। ଏହି ଯାତ୍ରା ନେଇ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି । ଏଥିରେ ଆଖପାଖ ଅଞ୍ଚଳ ସହ ପଡ଼ୋଶୀ ଆନ୍ଧ୍ରର ଲୋକମାନେ ମଧ୍ୟ ଏଠାକୁ ଆସିଥିଲେ। ନୀଳକଣ୍ଠେଶ୍ୱରଙ୍କୁ ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହୁଏ ବୋଲି ଲୋକଙ୍କ ଅତୁଟ ବିଶ୍ୱାସ ରହିଛି ।



ପୂଜକ ଶିବଙ୍କ ମସ୍ତକରେ ଅଭିଷେକ କରୁଛନ୍ତି ।

# ଅପହୃତା ନାବାଳିକା ତାମିଲନାଡୁରୁ ଉଦ୍ଧାର : ଅପହରଣକାରୀ ଗିରଫ

ବିଷମକଟକ, ୯।୨(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ସଦର ମହକୁମାରୁ ଅପହୃତ ହୋଇଥିବା ଜଣେ ନାବାଳିକାଙ୍କୁ ବିଷମକଟକ ପୋଲିସ ତାମିଲନାଡୁରୁ ଉଦ୍ଧାର କରିଛି । ଏଥିସହିତ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଯୁବକଙ୍କୁ ମଧ୍ୟ ଗରିଫ କରିଛି। ଗତ ୨୭ ତାରିଖ ସନ୍ଧ୍ୟାରେ ବିଷମକଟକ ପୂଜାର ସାହିର ଜଣେ ନାବାଳିକା କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ଏ ନେଇ ତାଙ୍କ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପରେ ନାବାଳିକା ଜଣକ ତାମିଲନାଡୁରେ ଥିବା ଜାଣିବାକୁ ପାଇଥିଲା । ବିଷମକଟକ ପୋଲିସର ଏକ ଟିମ୍ ତାମିଲନାଡୁ ଯାଇ ସେଠାକାର ପୋଲିସ୍ ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରି ବିଷମକଟକ ଆଣିଛି । ପରେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଯଶଓ୍ୱନ୍ତ ହିଆଳ ପ୍ରକାଶ କରିଛନ୍ତି ।

# ଡିଏମ୍‌ୟୁ ଟ୍ରେନ୍ ଚଳାଚଳ ଦାବି

ମୁନିଗୁଡ଼ା,୯।୨(ଡି.ଏନ୍.ଏ.)

ମୁନିଗୁଡ଼ା ରେଳଷ୍ଟେଶନ ଦେଇ ଡ଼ିଏମ୍‌ୟୁ ଟ୍ରେନ ଚଳାଚଳ କରିବାକୁ ମୁନିଗୁଡ଼ା ବିକାଶ ପରିଷଦ ତରଫରୁ ଦାବି ହୋଇଛି। ଏନେଇ ବାରମ୍ବାର ପରିଷଦ ତରଫରୁ ସମ୍ବଲପୁର ଡିଭିଜନର ଡିଆରଏମ୍‌ଙ୍କ ନିକଟରେ ବହୁବାର ମୌଖିକ ଓ ଲିଖିତ ଭାବେ ଦାବି ହୋଇଆସୁଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ପୂର୍ବାହ୍ନ ୧୦ଟାରେ ବିଶାଖାପାଟଣାଠାରୁ ରାୟପୁର ଏବଂ ଅପରାହ୍ନ ୪ଟାରେ ରାୟପୁରରୁ ବିଶାଖାପାଟଣା ଯିବା ପାଇଁ ଏକ ଡିଏମ୍‌ୟୁ ଟ୍ରେନ୍ ଚଳାଚଳ ଲାଗି ଦାବି ହୋଇଛି । ଅପରପକ୍ଷେ ରେଳ ଲାଇନ ମରାମତି ଓ ତୃତୀୟ ନୂଆ ଲାଇନ କାର୍ଯ୍ୟ ନିମନ୍ତେ ଗତ ଡିସେମ୍ବରରୁ ମୁନିଗୁଡ଼ା ଷ୍ଟେଶନ ଦେଇ ଯାତାୟାତ କରୁଥିବା ବିଶାଖାପାଟଣା–ରାୟପୁର ପାସେଞ୍ଜର, ରାୟପୁର–ବିଶାଖାପାଟଣା, ଦୁରୁଗ–ବିଶାଖାପାଟଣା, ବିଶାଖାପାଟଣା–ଦୁରୁଗ, କୋରାପୁଟ–ସମ୍ବଲପୁର ଓ ସମ୍ବଲପୁର– କୋରାପୁଟ ପାସେଞ୍ଜରକୁ ଆସନ୍ତା ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବନ୍ଦ ହୋଇଥିବା ପାସେଞ୍ଜର ଟ୍ରେନ୍ ସହ ଏପ୍ରିଲ ପହିଲାରୁ ନୂତନ ଡିଏମ୍‌ୟୁ ଟ୍ରେନ୍ ବିଶାଖାପାଟଣା–ରାୟପୁର ଓ ରାୟପୁର– ବିଶାଖାପାଟଣା ମଧ୍ୟରେ ଚଳାଚଳ ପାଇଁ ବିକାଶ ପରିଷଦର ସଭାପତି ଏମ୍‌ଡି ଆୟୁବ୍ ଓ ସମ୍ପାଦକ ସୁଧାକର ମହାରଣା ଡିଆରଏମଙ୍କ ନିକଟରେ ଦାବି କରିଛନ୍ତି।

# ଶିବରାତ୍ରି ଯାତ୍ରା ପାଇଁ ପ୍ରସ୍ତୁତି

ଚନ୍ଦ୍ରପୁର, ୯।୨ (ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତସ୍ଥିତ ପ୍ରସିଦ୍ଧ ମୀନାଝୋଲା ଶୈବ ପୀଠରେ ଚଳିତ ବର୍ଷର ମହାଶିବରାତ୍ରି କିପରି ପାଳନ କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକ୍ରମ ଆରମ୍ଭରେ ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍, ବ୍ଲକ ଅଧକ୍ଷା ସଙ୍ଗୀତା ପ୍ରତିଙ୍ଗା, ହନୁମନ୍ତପୁର ସରପଞ୍ଚ କାଉମୁନି, ଯୁବ ବିଜେଡି ସଭାପତି ଯାମି ଗୁରୁନାଥ, ଚିତ୍ତରଞ୍ଜନ ନାଲା, ଚନ୍ଦ୍ରପୁର ଥାନାଧିକାରୀ ଅରୁଣ କୁମାର ନାୟକ, ଏଏସ୍‌ଆଇ ସମୀର ପ୍ରଧାନ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରଥମେ ଏକ ମୀନା ଆକୃତିର ଲିଙ୍ଗକୁ ଗୁଡାରୀ ଗ୍ରାମର ମୁଖ୍ୟ ପୂଜକ ତ୍ରିଲୋଚନା ମିଶ୍ର ପୂଜା କରିଥିଲେ। ପରେ ୧୦୮ ଟି କଞ୍ଚା ବାଉଁଶରେ ନାଲି ପତାକା ଲଗାଯାଇ ଥିଲା । ପୂର୍ବରୁ ଏଠାରେ ଅନୁଷ୍ଠିତ ହେଉଥିବା ଯାତ୍ରାର ନାମ ମୀନାଝୋଲା ଯାତ୍ରା ଥିବାବେଳେ ଚଳିତ ବର୍ଷଠାରୁ ଏହାକୁ 'ଶ୍ରୀ ମୀନାଝୋଲା' ଭାବେ ନାମିତ କରାଗଲା । ଶ୍ରୀ ମୀନଝୋଲା ଯାତ୍ରାକୁ ଆସିବାକୁ ଥିବା ଶ୍ରଦ୍ଧାଳୁ କିପରି ଶୃଙ୍ଖଳାର ସହ ଠାକୁର ଦର୍ଶନ କରିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ବୈଠକରେ କୁହାଯାଇଥିଲା। ଗ୍ରାମ୍ୟ ଜଳଯୋଗାଣ ସହଯୋଗରେ ପିଇବା ପାଣି ସହ ଅନ୍ୟ ବ୍ୟବସ୍ଥା କରାଯାଉଛି ବୋଲି ବିଡ଼ିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍ କହିଥିଲେ । ଏସ୍.ସମେଶ୍ୱର ରାଜ, ବି. ନାଗଭୂଷଣ ଗୁପ୍ତା, ବିଜୟ ମାଳୀଙ୍କ ସମେତ ଟାପୁରୁଗୁଡା, ବେଲାମଗୁଡା ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

ଗୁଣପୁର,୯।୨(ଡି.ଏନ.ଏ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାୟଗଡା ଜିଲା ଗୁଣପୁର କୃଷି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃଷକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିବା ସହ ଏହାର ଫାଇଦା ଉଠାଇବା ପାଇଁ ଚାଷୀଙ୍କୁ କହିଥିଲେ । ସହକାରୀ ଜିଲା କୃଷି ଅଧିକାରୀ ବାବାଜୀଚରଣ ବେହେରା, ସହକାରୀ ମତ୍ସ୍ୟ ଅଧିକାରୀ ଲିସା ବେହେରା, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ବିନୋଦ କୁମାର ଜେନା, ଉଠାଜଳସେଚନ ବିଭାଗର ଜଗବନ୍ଧୁ ପୁହାଣ, ସହକାରୀ କୃଷି ଅଧିକାରୀ ପ୍ରିୟନାଥ ପାତ୍ର, ନୀତି ଆୟୋଗର ଜିଲା କାଉନସିଲର କିରଣ କୁମାର ଦାସ, ମୃତ୍ତିକା ସଂରକ୍ଷଣ ବିଭାଗର ଜନାର୍ଦ୍ଦନ ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ ।

# ମା' କୂଳବନ୍ଧ ଯାତ୍ରାରେ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ରାୟଗଡ଼ା ଅଫିସ,୯।୨

ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ହାତିଖମ୍ବ ଗାଁରେ ମା' କୂଳବନ୍ଧ ଯାତ୍ରା ରବିବାର ଅନୁଷ୍ଠିତ ହୋଇଛି । ସକାଳ ପ୍ରାୟ ୮ଟାରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ମୁଖ୍ୟ ପୂଜକ ୨୧ ଚକୁଳି ଭୋଗ କରିଥାନ୍ତି। ଏହାପରେ ସେଠାରେ ଥିବା ପୋଖରୀ ନିକଟରେ ୨ଟି ପାରକୁ ଉଡ଼ାଇ ତନ୍ତ୍ର ପୂଜା କରିଥାନ୍ତି। ସନ୍ଧ୍ୟା ଆଳତି ପରେ ଛାଗ(ଅଣ୍ଡିରା ଛେଳି) ବଳି ଦିଆଯାଇଥିଲା। ମା'ଙ୍କ ପାଖରେ ବଳି ଦେବା ସହ ପାରା ଉଡାଇଲେ ସନ୍ତାନ ଜାତ ହୁଏ ବୋଲି ବିଶ୍ୱାସ ରହିଛି। ମା'ଙ୍କ ନିକଟରେ ମାନସିକ କରିଥିବା ଦମ୍ପତିମାନେ ଆଜି ବଳି ହେଇଥିଲେ। ଏହାକୁ ଦେଖିବାକୁ ରାୟଗଡ଼ା, କଳାହାଣ୍ଡି, ଗଞ୍ଜାମ, ଗଜପତି, ମାଲକାନଗିରି, କନ୍ଧମାଳ, ନବରଙ୍ଗପୁର ସମେତ ଆନ୍ଧ୍ରପ୍ରଦେଶରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ଆଜି ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ତପନ ନାରାୟଣ ରଥଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ପୂଜାସ୍ଥଳିରେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପ୍ରତି ୨ ବର୍ଷରେ ଥରେ ମାଘ ମାସର ଶେଷ ରବିବାର ଦିନ ମା'କୂଳବନ୍ଧ ଯାତ୍ରା ଅନୁଷ୍ଠିତ ହୋଇଥାଏ।

## ମାନସିକଧାରୀ ଦେଲେ ପଶୁବଳି



ଯାତ୍ରାରେ ଜିଲାପାଳଙ୍କ ସହ ଅନ୍ୟମାନେ।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(iii) ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧରେ ହାଇଦ୍ରାବାଦ ଭାରତୀୟ ସେନାର ଅକ୍ତିଆରକୁ ଆସିଲା। ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ଏବଂ ହାଇଦ୍ରାବାଦ୍ ଭାରତରେ ମିଶିଗଲା।

**କିମ୍ବା,** (i) ୧୯୩୭ ମସିହା ଜୁଲାଇ ୨୮ ତାରିଖରେ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ବସିଥିଲା।

(ii) ଏହା ରେଭେନ୍‌ସା କଲେଜ୍ ହଲ୍‌ରେ ବସିଥିଲା।

(iii) ଏହି ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ବାଚସ୍ପତି ଓ ନନ୍ଦକିଶୋର ଦାସ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ।

(ଗ) (i) ନୂତନ ରାଜ୍ୟ ବା ପ୍ରଦେଶ ଗଠନ ଦାବିର ସମାଧାନ ଉଦ୍ଦେଶ୍ୟରେ 'ରାଜ୍ୟ ପୁନର୍ଗଠନ ଆୟୋଗ' ଗଠିତ ହେଲା।

(ii) ୧୯୫୬ ମସିହାରେ ଏହା ଗଠିତ ହେଲା।

(iii) ଏଥିରେ ତିନିଜଣ ସଦସ୍ୟ ଥିଲେ।

**କିମ୍ବା,** (i) ଭାରତର ନିର୍ବାଚନ ଆୟୋଗ ଭାରତରେ ନିର୍ବାଚନ ପରିଚାଳନା କରନ୍ତି।

(ii) ଏହା ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟ, ରାଷ୍ଟ୍ରପତି ଓ ଉପରାଷ୍ଟ୍ର ପଦ ପାଇଁ ନିର୍ବାଚନ ପରିଚାଳନା କରନ୍ତି।

(iii) ଏହା ନିର୍ବାଚନ କାର୍ଯ୍ୟକୁ ମଧ ନିୟନ୍ତ୍ରଣ କରିଥାନ୍ତି।

**୧୬.** (କ)(i) ରାଓଲାଟ୍ ଆଇନରେ ବ୍ୟବସ୍ଥା ଥିଲା ଯେକୌଣସି ଭାରତୀୟଙ୍କୁ ଗିରଫ କରି ବିନା ବିଚାରରେ କାରାଦଣ୍ଡ ଦିଆଯାଇ ପାରିବ।

(ii) ଏହି ଆଇନ୍ ୧୯୧୯ ମାର୍ଚ୍ଚ ୧୮ ତାରିଖରେ ଗୃହୀତ ହୋଇଥିଲା।

**କିମ୍ବା,** (i) ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଭାରତର ବିସ୍ମାର୍କ କୁହାଯାଏ।

(ii) ତାଙ୍କର କୂଟନୈତିକ ପାରଦର୍ଶିତା ଓ ରାଜନୀତିକ ବିଚକ୍ଷଣତା ବଳରେ ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ କରାଇ ଭାରତର ଏକତା ସୁଦୃଢ଼ କରାଇଥିବାରୁ ତାଙ୍କୁ ଏପରି କୁହାଯାଏ।

(ଖ) (i) ଭାରତର ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ୍ ଆଜାଦ୍ ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ।

(ii) ୧୯୫୧ ମସିହା ଅଗଷ୍ଟ ୧୮ ତାରିଖରେ ସେ ଏହାର ଶୁଭାରମ୍ଭ କରିଥିଲେ।

**କିମ୍ବା,** (i) ଆଦିବାସୀ ଓ ଦଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାର ଛାତ୍ରବୃତ୍ତି ପ୍ରଦାନ, ସ୍କୁଲ ଓ କଲେଜର ଦରମାଛାଡ଼, ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରିଛନ୍ତି।

(ii) ମାଗଣା ପ୍ରାଥମିକ ଶିକ୍ଷା ବ୍ୟାପକ କରିବାପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଶହଶହ ପ୍ରାଥମିକ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ସେବାଶ୍ରମ ଓ ଆବାସିକ ବିଦ୍ୟାଳୟମାନ ଖୋଲାଯାଇଛି।

(ଗ) (i) ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସ୍‌ଲିମ୍ ନୱାବ ପାକିସ୍ଥାନ ସହିତ ଯୋଗଦେବା ଇଚ୍ଛା ପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ।

(ii) ସେଠାରେ ଅନୁଷ୍ଠିତ ଗଣଭୋଟ ନୱାବଙ୍କ ସପକ୍ଷରେ ଯାଇ ନଥିବାରୁ ସେ ନିଜର ପରିବାର ସହ ପାକିସ୍ଥାନ ପଳାୟନ କଲେ ଓ ଜୁନାଗଡ଼ ଭାରତରେ ମିଶିଗଲା।

**କିମ୍ବା,** (i) ନିଜର ସହଯୋଗୀମାନଙ୍କ ସହିତ ରାଜନୀତିକ ମତଭେଦ ହେବାରୁ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।

(ii) ୧୯୪୪ ମସିହା ଜୁନ୍ ୨୯ ତାରିଖରେ ସେ ଇସ୍ତଫା ଦେଇଥିଲେ।

(ଘ) (i) ଆମଦେଶରେ ଲୋକସଭା ସଦସ୍ୟ, ବିଧାନସଭା ସଦସ୍ୟ ଓ ସ୍ୱାୟତ୍ତ ଶାସନ ସଂସ୍ଥାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

(ii) ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ ଏବଂ ବିଧାନପରିଷଦର ସଦସ୍ୟମାନେ ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

**କିମ୍ବା,** (i) କ୍ୟାବିନେଟ୍ ମିଶନର ପ୍ରସ୍ତାବ ଅନୁଯାୟୀ ଭାରତରେ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା।

(ii) ଏହାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ବସିଥିଲା।

❑❑❑

